# ଅନ୍ୱେଷଣ

## ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ଅନ୍ତର୍ନିବେଶୀ ଶିକ୍ଷା ଉପରେ ତ୍ରିଦିବସୀୟ ଶିକ୍ଷକ ତାଲିମ

ସର୍ବ ଶିକ୍ଷା ଅଭିଯାନ

ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ

ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ

ଶିକ୍ଷା ସୌଧ, ୟୁନିଟ୍-୫ ଭୁବନେଶ୍ୱର

# ଅନ୍ୱେଷଣ

| | ପ୍ରଥମ ଅଧିବେଶନ | ଦ୍ୱିତୀୟ ଅଧିବେଶନ | ତୃତୀୟ ଅଧିବେଶନ | ଚତୁର୍ଥ ଅଧିବେଶନ |
|---|---|---|---|---|
| ପ୍ରଥମ ଦିବସ | ପଞ୍ଜିକରଣ, ପ୍ରଶିକ୍ଷଣର ଉଦ୍ଦେଶ୍ୟ ସ୍ଥାପନ, ଅଭିଜ୍ଞତା ବିନିମୟ | ଅନ୍ତର୍ନିବେଶୀ ଶିକ୍ଷା ଧାରଣା, ଏହାର ଆବଶ୍ୟକତା | ବ୍ୟବହାରରୁ ସାମର୍ଥ୍ୟ ଚିହ୍ନଟୀକରଣ (VI, HI, LD, OH, LO) | ବ୍ୟବହାରରୁ ସାମର୍ଥ୍ୟ ଚିହ୍ନଟୀକରଣ (MR, CP, Autism, Multiple) |
| ଦ୍ୱିତୀୟ ଦିବସ | ବିଦ୍ୟାଳୟରେ ପ୍ରତିବନ୍ଧକ ମୁକ୍ତ ବାତାବରଣ ସୃଷ୍ଟି (ଭୌତିକ, ସାମାଜିକ ଓ ଶୈକ୍ଷିକ) | | ମୂଲ୍ୟାୟନରେ ସମସ୍ୟା ଚିହ୍ନଟ | ସନ୍ଦେହମୋଚନ |
| ତୃତୀୟ ଦିବସ | ମୂଲ୍ୟାୟନର କୌଶଳ (VI, HI) | ମୂଲ୍ୟାୟନର କୌଶଳ (MR, CP, MD, OH) | ଅନ୍ତର୍ନିବେଶୀ ବିଦ୍ୟାଳୟର ପରିକଳ୍ପନା | ପ୍ରଶିକ୍ଷଣ ସମ୍ପର୍କୀତ ମତାମତ |

**ସମୟ ସାରଣୀ**

୧୦·୦୦ - ୧୦·୧୫ - ବିବରଣୀ ପଠନ, ପୂର୍ବ ଦିବସର ଆଲୋଚନାର ସ୍ପଷ୍ଟୀକରଣ
୧୦·୧୫ - ୧୧·୩୦ - ପ୍ରଥମ ଅଧିବେଶନ
୧୧·୩୦ - ୧୧·୪୫ - ଚା' ବିରତି
୧୧·୪୫ - ୧·୦୦ - ଦ୍ୱିତୀୟ ଅଧିବେଶନ
୧·୦୦ - ୨·୦୦ - ମଧ୍ୟାହ୍ନ ଭୋଜନ ବିରତି
୨·୦୦ - ୩·୧୫ - ତୃତୀୟ ଅଧିବେଶନ
୩·୧୫ - ୩·୩୦ - ଚା' ବିରତି
୩·୩୦ - ୪·୪୫ - ଚତୁର୍ଥ ଅଧିବେଶନ

# ଅଭିଜ୍ଞତା ବିନିମୟ ଓ ଆବଶ୍ୟକତା ଚିହ୍ନଟ

*ପ୍ରଥମ ଦିବସ*
*ପ୍ରଥମ ଅଧିବେଶନ*
*ସମୟ - ୧ଘ. ୧୫ମି.*

**ପ୍ରତ୍ୟାଶିତ ଫଳାଫଳ:-**

୧· ଅଂଶ ଗ୍ରହଣକାରୀମାନେ

- ➡ ପରସ୍ପରକୁ ଚିହ୍ନିବେ ।
- ➡ ନିଜକୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଅଂଶ ବୋଲି ଅନୁଭବ କରିବେ ।

୨· ସାଧନକର୍ମୀ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କ ଆବଶ୍ୟକତାକୁ ଚିହ୍ନଟ କରିବେ ।

| ପ୍ରକ୍ରିୟା/ ପ୍ରଣାଳୀ | ଆଲୋଚ୍ୟ ବିଷୟ |
|---|---|
| ❑ ପ୍ରଶିକ୍ଷାର୍ଥୀମାନେ'U' ଆକୃତିରେ ବସିବେ । ଜଣ ଜଣ କରି ଠିଆ ହୋଇ ନିଜର ପରିଚୟ ଦେବେ । ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ସଂପର୍କରେ ପୂର୍ବରୁ ଯଦି କୌଣସି ପ୍ରଶିକ୍ଷଣ ପାଇଥାନ୍ତି ସେ ସଂପର୍କରେ ସୂଚନା ଦେବେ ।<br>❑ ପ୍ରଶିକ୍ଷକଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ ।<br>❑ ଶିବିର କାର୍ଯ୍ୟ ପାଇଁ ଦଳଗଠନ ।<br>❑ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀ ପ୍ରାକ୍- ପ୍ରଶିକ୍ଷଣ ମୂଲ୍ୟାୟନ ଫର୍ଦ୍ଦ ପୂରଣ କରିବେ ।<br>❑ ପ୍ରଶ୍ନ ନଂ ୧ , ୨ ଓ ୩ର ଖୋଲା ଆଲୋଚନା । | ୧, ବର୍ତ୍ତମାନ ପ୍ରଶିକ୍ଷଣର ସଫଳତା ପାଇଁ କେଉଁ ସବୁ ଦିଗ ପ୍ରତି ଦୃଷ୍ଟି ଦେବାକୁ ହେବ ।<br>୨· ୫ ଦିନିଆ ପ୍ରଶିକ୍ଷଣ ଓ ସମନ୍ୱିତ ପ୍ରଶିକ୍ଷଣରେ କେଉଁ ସବୁ ବିଷୟ ଆଲୋଚନା ହୋଇଥିଲା?<br>୩· ପୂର୍ବ ପ୍ରଶିକ୍ଷଣ ଆପଣଙ୍କୁ ଶ୍ରେଣୀଗୃହରେ ତଥା ଭିନ୍ନକ୍ଷମ ପିଲାଙ୍କ ପାଇଁ କାର୍ଯ୍ୟକ୍ରମ ପରିଚାଳନାରେ କିପରି ସାହାଯ୍ୟ କରୁଛି? |

ସାମଗ୍ରୀ :- ଡ୍ରଇଁ ସିଟ୍, ସ୍କେଚପେନ୍, ପ୍ରାକ୍- ପ୍ରଶିକ୍ଷଣ ମୂଲ୍ୟାୟନ ଫର୍ଦ୍ଦ (ଅଂଶଗ୍ରହଣକାରୀଙ୍କ ସଂଖ୍ୟା ଅନୁଯାୟୀ)

# ସାଧନକର୍ମୀଙ୍କ ପାଇଁ ସୂଚନା

ପ୍ରଶିକ୍ଷାର୍ଥୀମାନେ 'U'Shape ରେ ବସିବା ବାଞ୍ଛନୀୟ

- ପ୍ରଶିକ୍ଷାର୍ଥୀମାନଙ୍କୁ ପରିଚୟ, ପୂରାନାମ, ବିଦ୍ୟାଳୟର ନାମ, କେଉଁ ବିଷୟରେ ପଢାଉଛନ୍ତି ସେ ସଂପର୍କରେ କହିବା ପାଇଁ କୁହାଯିବ । ଭିନ୍ନକ୍ଷମ ପିଲାଙ୍କ ଉପରେ ନିଜର ଅଭିଜ୍ଞତା ଗୋଟିଏ ବାକ୍ୟରେ କହିବେ ।
- ପରିଚୟ ପ୍ରଦାନ ପରେ ସାଧନକର୍ମୀ ପ୍ରଶିକ୍ଷାର୍ଥୀମାନଙ୍କୁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ବନ୍ଧରେ ସମ୍ୟକ ସୂଚନା ପ୍ରଦାନ କରିବେ ।
- ଏହାପରେ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରାକ୍- ପ୍ରଶିକ୍ଷଣ ମୂଲ୍ୟାୟନ ଫର୍ଦ୍ଦ ପୂରଣ କରିବାକୁ ଦିଆଯିବ ।
- ପ୍ରତ୍ୟେକ ଅଂଶଗ୍ରହଣକାରୀ ପ୍ରାକ୍- ପ୍ରଶିକ୍ଷଣ ମୂଲ୍ୟାୟନ ଫର୍ଦ୍ଦ ପୂରଣ କରିସାରିବା ପରେ, ପ୍ରଶ୍ନ ୨ ଓ ୩ର ଖୋଲା ଆଲୋଚନା ହେବ । ଉଭୟ ପ୍ରଶ୍ନର ଆଲୋଚନାରୁ ମିଳିଥିବା ଉତ୍ତରଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରାଯିବ । ଉକ୍ତ ତାଲିକାକୁ ପ୍ରଶିକ୍ଷଣ ପ୍ରକୋଷ୍ଠରେ ଟାଙ୍ଗି ଦିଆଯିବ ।
- ପ୍ରଶ୍ନ ୧ରେ ଆଲୋଚନାରେ ଶିବିର କାର୍ଯ୍ୟର ସଫଳତା ପାଇଁ ନିମ୍ନ ଦିଗ ପ୍ରତି ଦୃଷ୍ଟି ଦେବା ବାଞ୍ଛନୀୟ । ସେଥିପାଇଁ ଅଂଶଗ୍ରହଣକାରୀମାନଙ୍କୁ ୫ଟି ଦଳରେ ଭାଗ କରାଯାଇ ନିମ୍ନଲିଖିତ ଦାୟିତ୍ୱ ବଣ୍ଟନ କରାଯିବ ।
  - ଶୃଙ୍ଖଳା, ପରିଷ୍କାର ଓ ପରିଚ୍ଛନ୍ନତା
  - ଖାଦ୍ୟ
  - ପ୍ରାଚୀର ପତ୍ର/ ଅବସର ବିନୋଦନ
  - ବିବରଣୀ ଲିଖନ ଓ ପଠନ
  - ପ୍ରତ୍ୟେକ ଅଧିବେଶନର ମୁଖ୍ୟ ବିଷୟ ବସ୍ତୁ ଲିଖନ

# ପ୍ରାକ୍ ପ୍ରଶିକ୍ଷଣ ମୂଲ୍ୟାୟନ ଫର୍ମ

ସମୟ – ୩୦ ମିନିଟ୍

ପ୍ରଶିକ୍ଷାର୍ଥୀଙ୍କ ନାମ : ______________________________

ବିଦ୍ୟାଳୟର ନାମ : ______________________________

ଭିନ୍ନକ୍ଷମ ପିଲାମାନଙ୍କର ଶିକ୍ଷା ସମ୍ବନ୍ଧରେ ଆପଣ କେଉଁ ପ୍ରଶିକ୍ଷଣ ନେଇଛନ୍ତି (✓) ଚିହ୍ନ ଦିଅନ୍ତୁ :

- ➾ ୫ ଦିନିଆ IED ସମ୍ବନ୍ଧୀୟ ପ୍ରଶିକ୍ଷଣ ☐
- ➾ ସମନ୍ୱିତ ପ୍ରଶିକ୍ଷଣ ପେଟିକା ☐

୧· ନିମ୍ନୋକ୍ତ ଗୁଡିକୁ ସଂପୂର୍ଣ୍ଣ ଭାବେ ଲେଖନ୍ତୁ ।

| | |
|---|---|
| HI | LD |
| VI | RCI |
| MR | OH |
| CP | |

୨· Impairment, Disability ଓ Handicapped ମଧ୍ୟରେ ପାର୍ଥକ୍ୟ ଅଛି କି? ଯଦି ହଁ, ସେଗୁଡିକ କ'ଣ?

୩· ସାଧାରଣ ଶ୍ରେଣୀକକ୍ଷରେ ନିମ୍ନଲିଖିତ ଭିନ୍ନକ୍ଷମ ପିଲାମାନଙ୍କୁ କେଉଁ କେଉଁ ଲକ୍ଷଣରୁ ଚିହ୍ନଟ କରିବେ? (ତିନୋଟି ଲେଖାଏଁ ଉଦାହରଣ ଲେଖ)

- ☐ ଶ୍ରବଣ ବାଧିତ
- ☐ ଦୃଷ୍ଟି ବାଧିତ
- ☐ ମାନସିକ ଅନଗ୍ରସର
- ☐ ଶିକ୍ଷଣ ଅକ୍ଷମତା

୪· ଶ୍ରବଣ ବାଧିତ ପିଲାମାନଙ୍କୁ ପଢାଇବା ସମୟରେ କେଉଁ କେଉଁ ଦିଗପ୍ରତି ଧ୍ୟାନ ଦିଆଯିବ?(ଯେକୌଣସି ୩ଟି) ।

୫· ଅନ୍ତର୍ନିବେଶୀ ଶିକ୍ଷା ବ୍ୟବସ୍ଥାରେ ନିମ୍ନୋକ୍ତ ଭିନ୍ନକ୍ଷମମାନଙ୍କ ମଧ୍ୟରୁ କେଉଁମାନେ ପଢିପାରିବେ ନାହିଁ? (କାରଣ ସହ ଲେଖ)

୧· Low Vision ୨· Mild Deaf ୩· Mild MR ୪·Orthopaedically Handicapped ୫· Totally Blind ୬· Total Deaf ୭· Severe MR ୮· Multiple Disability

# ଅନ୍ତର୍ନିବେଶୀ ଶିକ୍ଷାର ଆବଶ୍ୟକତା

*ପ୍ରଥମ ଦିବସ*
*ଦ୍ୱିତୀୟ ଅଧିବେଶନ*
*ସମୟ - ୧ଘ. ୧୫ମିନିଟ୍*

**ପ୍ରତ୍ୟାଶିତ ଫଳାଫଳ:-ଅଂଶଗ୍ରହଣକାରୀମାନେ-**

- Inclusive Education (ଅନ୍ତର୍ନିବେଶୀ ଶିକ୍ଷା)ର ବିଭିନ୍ନ ଦିଗଗୁଡ଼ିକୁ ବୁଝିବେ ।
- Integrated Education (ସମନ୍ୱିତ ଶିକ୍ଷା)ଠାରୁ ଅନ୍ତର୍ନିବେଶୀ ଶିକ୍ଷା କେଉଁ ଦିଗରୁ ପୃଥକ ତାହା ବର୍ଣ୍ଣନା କରିପାରିବେ ।
- ଅନ୍ତର୍ନିବେଶୀ ଶିକ୍ଷାର ଆବଶ୍ୟକତାକୁ ହୃଦୟଙ୍ଗମ କରିବେ ।

| ପ୍ରକ୍ରିୟା/ ପ୍ରଣାଳୀ | ଆଲୋଚ୍ୟ ବିଷୟ |
|---|---|
| ❑ ଅଂଶଗ୍ରହଣକାରୀମାନଙ୍କୁ ୨ଟି ଦଳରେ ବିଭକ୍ତ କରିଯିବ । ୧ମ ଦଳ, ୨ୟ ଦଳର ବିଭିନ୍ନତା ପର୍ଯ୍ୟବେକ୍ଷଣ କରିବେ । ସେହିପରି ୨ୟ ଦଳ ୧ମ ଦଳର ପର୍ଯ୍ୟବେକ୍ଷଣ କରିବେ । (୧୦ ମିନିଟ୍) | ୧· ଆମେ ବର୍ତ୍ତମାନ ଆମ ଭିତରେ କେଉଁ କେଉଁ ବିଭିନ୍ନତା ଥିବାର ଲକ୍ଷ୍ୟ କରୁଛୁ? (ଦୁଇଟିଯାକ ତାଲିକାରେ ଥିବା ବିଭିନ୍ନତାକୁ ଏକାଠି କରି ସାଧନକର୍ମୀ ଅଂଶଗ୍ରହଣକାରୀମାନଙ୍କୁ ସୂଚନା ଦେବେ) । |
| ❑ ଅଂଶଗ୍ରହଣକାରୀମାନଙ୍କୁ ୬ଟି ଦଳରେ ଭାଗ କରାଯିବ । ପ୍ରତ୍ୟେକ ଦଳରେ Integrated ଓ Inclusive Education ସଂପର୍କୀତ ଚିତ୍ର ଦୁଇଟିକୁ ନିରୀକ୍ଷଣ କରିବାକୁ ଦିଆଯିବ । ଦଳରେ ଆଲୋଚନା କରି ପ୍ରଶ୍ନ ନଂ ୨ର ଉତ୍ତର ଲେଖି ଉପସ୍ଥାପନ କରିବେ । ଆଲୋଚନା ଓ ସଂକ୍ଷେପଣ କରାଯିବ (୨୦ ମିନିଟ୍) | ୨· ଦୁଇଟି ଚିତ୍ର ମଧ୍ୟରୁ କେଉଁଟି କେଉଁ ଚିତ୍ରଟି ସମନ୍ୱିତ ଶିକ୍ଷା ଓ କେଉଁଟି ଅନ୍ତର୍ନିବେଶୀ ଶିକ୍ଷାକୁ ସୁଚାଉଛି? ଆପଣ ଏପରି କାହିଁକି ଭାବୁଛନ୍ତି?<br>୩· ଭିନ୍ନକ୍ଷମ ପିଲାଟି ସ୍ୱତନ୍ତ୍ର ବିଦ୍ୟାଳୟରେ ପଢିବା ଓ ସାଧାରଣ ବିଦ୍ୟାଳୟରେ ପଢିବା ମଧ୍ୟରେ ତୁଳନା କରିବାକୁ କୁହାଯିବ । ଦୁଇଟି ବିଦ୍ୟାଳୟ ମଧ୍ୟରୁ କେଉଁ ବିଦ୍ୟାଳୟର ଶିକ୍ଷା ଭିନ୍ନକ୍ଷମ ପିଲାଙ୍କ ପାଇଁ ଅଧିକ ଉପଯୋଗୀ କାହିଁକି? |
| ❑ ପୂର୍ବରୁ ଥିବା ୬ଟି ଦଳକୁ ୩ନମ୍ବର ପ୍ରଶ୍ନଟିର ଉତ୍ତର ଆଲୋଚନା କରି ଲେଖିବାକୁ କୁହାଯିବ । (୪୦ ମିନିଟ୍) | ୪· ଏହି ଆଲୋଚନାରୁ ଆମେ କ'ଣ ଜାଣିଲେ? |

ସାମଗ୍ରୀ:- ଦୁଇ ପ୍ରକାର ବିଦ୍ୟାଳୟ ଚିତ୍ର, ଡ୍ରଇଁ ସିଟ୍, ସ୍କେଚ୍ ପେନ୍ ।

# ସାଧନକର୍ମୀଙ୍କ ପାଇଁ ଅତିରିକ୍ତ ତଥ୍ୟ

Inclusive Education ସମାଜର ବିଭିନ୍ନତାକୁ ସମ୍ବଳ ରୂପେ ଗ୍ରହଣ କରି ଏକାଠି ବସବାସ କରିବାପାଇଁ ସୁଯୋଗ ଦିଏ । ତେଣୁ ଏହା ସମସ୍ତଙ୍କ ପାଇଁ । ସମସ୍ତଙ୍କର ଶିକ୍ଷା ସମାଜ ଏପରିକି ସମଗ୍ର ବିଶ୍ୱ ପରିବର୍ତ୍ତନଶୀଳ । ଏହା ଏକ ଅନ୍ତର୍ନିହିତ ଗୁଣ । ତେଣୁ Inclusiveର ଅର୍ଥ ପରିବର୍ତ୍ତନ ଏବଂ ସମାଜରେ ଜନ୍ମ ନେଇଥିବା ଭେଦଭାବ, ଜାତି ଭେଦଭାବ, ସମର୍ଥ ଓ ଅସମର୍ଥ ଭେଦଭାବ ଆଦି Exclusion ରୋଗ ବିରୁଦ୍ଧରେ ଲଢିବା । Inclusionର ଅର୍ଥ ଆମ ସମସ୍ତଙ୍କର ସାମର୍ଥକୁ ପରସ୍ପର ମଧ୍ୟରେ ବାଣ୍ଟିବା । Inclusive ଅର୍ଥ ସମସ୍ତଙ୍କର ପୂର୍ଣ୍ଣଜୀବନ ପାଇଁ ସାମର୍ଥ୍ୟ, ସମ୍ବଳ ଆଦି ସୃଷ୍ଟି କରିବା ।

ଶିକ୍ଷା ଅନୁଷ୍ଠାନରେ ଭିନ୍ନକ୍ଷମ ପିଲାମାନଙ୍କୁ ଶିକ୍ଷା ଦେବା ମାଧ୍ୟମଗୁଡ଼ିକରେ ଆମେ ଅନେକ ସମୟରେ Integrated କିମ୍ବା Included ଭଳି ଶବ୍ଦକୁ ନେଇ ଏହି ଭଳି ଶିକ୍ଷା ଅନୁଷ୍ଠାନକୁ ଓ ଶ୍ରେଣୀଗୃହକୁ ବର୍ଣ୍ଣନା କରିଥାଉ । ବେଳେବେଳେ ଆମେ ଉପରୋକ୍ତ ଦୁଇଟି ଯାକ ଶବ୍ଦକୁ ଅଦଳବଦଳ କରି ବ୍ୟବହାର କରିଥାଉ । କିନ୍ତୁ ଦୁଇଟି ମଧ୍ୟରେ ଅନେକ ପାର୍ଥକ୍ୟ ଅଛି । ଏହି ପାର୍ଥକ୍ୟଗୁଡ଼ିକୁ ଜାଣିଲେ / ଅନୁଧ୍ୟାନ କଲେ ଆମେ ନିଶ୍ଚିତ ଭାବରେ Inclusive Environment (ଅନ୍ତର୍ନିବେଶୀ ପରିବେଶ) ଉପରେ ଗୁରୁତ୍ୱ ଦେଇପାରିବା ଯାହାକି ସବୁ ପିଲାଙ୍କୁ ଶିକ୍ଷଣରେ ସାହାଯ୍ୟ କରିବ ।

**Integrated Education (ସମନ୍ୱିତ ଶିକ୍ଷା)**: ଏହି ପଦ୍ଧତିରେ ସହାୟକ ସେବା (Support Service) ଏବଂ ଆବଶ୍ୟକୀୟ ଉପଯୋଜନ (Adaptation)ର ବ୍ୟବସ୍ଥା କରାଯାଇଥାଏ ଏବଂ ଆଶା କରାଯାଉଥିବା ଭିନ୍ନକ୍ଷମ ପିଲାମାନେ ଆମର ଚିରାଚରିତ ଶ୍ରେଣୀଗୃହ ପରିବେଶକୁ ବାଧ୍ୟବାଧକତାରେ ଖାପଖୁଆଇ ଚଳିଥାନ୍ତି । ଏତଦ୍ ବ୍ୟତୀତ ଆଶାକରାଯାଇଥିଲା ପିଲାମାନେ ଆବଶ୍ୟକ ଉପଯୋଜନ ଓ ସହାୟକ ସେବା ସହିତ ନିଶ୍ଚିତ ଖାପଖୁଆଇ ପଢିବେ କିମ୍ବା ବିଫଳ ହେବେ ।

**Inclusive Education (ଅନ୍ତର୍ନିବେଶୀ ଶିକ୍ଷା):-** ଏହି ପଦ୍ଧତିରେ ସମସ୍ତ ଛାତ୍ରଛାତ୍ରୀ, ଯେକୌଣସି ବୟସରେ, ଲିଙ୍ଗଗତ ପାର୍ଥକ୍ୟ ନରଖି, ଭିନ୍ନକ୍ଷମତା ଯାହାକି ହେଉନା କାହିଁକି ଏବଂ ଜାତିବର୍ଣ୍ଣ ନିର୍ବିଶେଷରେ ଶିକ୍ଷଣ କରି ପାରିବାକୁ ସକ୍ଷମ ବୋଲି ବିଶ୍ୱାସ କରାଯାଏ । ସାଧାରଣ ଧାରା ସହିତ ଖାପଖୁଆଇ ଚଳିବା ତଥା ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ କୌଣସି ଦୁର୍ବଳତା/ ଅସୁବିଧା ନଥାଏ । ଏହି Modelରେ ପ୍ରତ୍ୟେକ ପିଲାର ବିଶେଷତ୍ୱ (ସାମର୍ଥ୍ୟ) ଆବଶ୍ୟକ ଗୁରୁତ୍ୱ ଦିଆଯାଇ ଶିକ୍ଷଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଥାଏ ।

Inclusive Education ସମସ୍ତଙ୍କ ପାଇଁ ଏକ ଫଳପ୍ରଦ ଯୋଜନା ବା ପରିଚାଳନା ପଦ୍ଧତି ଅଟେ । ଏହା ଦ୍ୱାରା ଶିଶୁର ମୌଳିକ ମାନବିକ ଅଧିକାର ତଥା ଶିକ୍ଷା ଅଧିକାରକୁ ସଂପୂର୍ଣ୍ଣ ସାବ୍ୟସ୍ତ କରାଯାଇଥାଏ, ପିତାମାତାମାନେ ଶିଶୁର ଲାଳନପାଳନ ସହ ଶିକ୍ଷାରେ ପୂର୍ଣ୍ଣ ଭାବରେ ଅନ୍ତର୍ଭୁକ୍ତ ହେବାର ସୁଯୋଗ ପାଆନ୍ତି । ପିଲାର ସାଙ୍ଗସାଥୀ, ଗୋଷ୍ଠୀ, ଶିକ୍ଷକ ଏପରିକି ସମାଜର ସମସ୍ତଙ୍କ ପ୍ରତି ସହନଶୀଳତା ଓ ସଦଭାବନା ବଢାଇବାରେ ସହାୟକ ହୋଇଥାଏ ।

ମୋଟାମୋଟି ଭାବରେ କହିବାକୁ ଗଲେ, ଅନ୍ତର୍ନିବେଶୀ ଶିକ୍ଷା ପ୍ରତ୍ୟେକ ପିଲାର ଅଧିକାରକୁ ନିଶ୍ଚିତ କରିଥାଏ ।

# ବ୍ୟବହାରରୁ ସାମର୍ଥ୍ୟ ଚିହ୍ନଟୀକରଣ

*ପ୍ରଥମ ଦିବସ*
*ତୃତୀୟ ଅଧିବେଶନ*
*ସମୟ -୧ଘ ୧୫ମିନିଟ୍*

**ପ୍ରତ୍ୟାଶିତ ଫଳାଫଳ:- ଅଂଶଗ୍ରହଣକାରୀମାନେ -**

- ପିଲାର ବ୍ୟବହାର ଓ କାର୍ଯ୍ୟକଳାପରୁ ଭିନ୍ନକ୍ଷମ ପିଲାଙ୍କୁ ଚିହ୍ନଟ କରିବାର ସୂଚକଗୁଡିକୁ ଜାଣିବେ ।
- ଚିହ୍ନଟୀକରଣ ପାଇଁ ଶିକ୍ଷକ, ପିତାମାତା, ଅଭିଭାବକ, ସାଙ୍ଗସାଥୀମାନଙ୍କର ସହଯୋଗ ଆବଶ୍ୟକ ବୋଲି କହିବେ ।

| ପ୍ରଣାଳୀ | ଆଲୋଚ୍ୟ ବିଷୟ |
|---|---|
| ❐ ପ୍ରଶ୍ନ ନଂ ୧ ଓ ୨ର ଖୋଲା ଆଲୋଚନା<br>❐ ପ୍ରଶ୍ନ ନଂ ୩ ପାଇଁ ୫ଟି ଦଳଗଠନ<br>ଦଳଗତ ଆଲୋଚନା<br>↓<br>ଉପସ୍ଥାପନା<br>↓<br>ସଂକ୍ଷେପଣ<br>❐ ପ୍ରଶ୍ନ ୪ ନଂ ଦଳରେ ଆଲୋଚନା (ପ୍ରତ୍ୟେକ ଦଳରେ ତାଲିକା ଦିଆଯିବ)<br>ଉପସ୍ଥାପନା<br>↓<br>ସଂକ୍ଷେପଣ | ୧. ଆପଣଙ୍କ ବିଦ୍ୟାଳୟରେ କେଉଁ କେଉଁ ପ୍ରକାରର ଭିନ୍ନକ୍ଷମ ପିଲା ଅଛନ୍ତି?<br>୨. ଏମାନଙ୍କ ବ୍ୟତୀତ ଆଉ କେଉଁ ପ୍ରକାରର ଭିନ୍ନକ୍ଷମ ପିଲା ଥିବାର ଆପଣ ଜାଣିଛନ୍ତି?<br>୩. କେଉଁ କେଉଁ ଲକ୍ଷଣ ଦେଖି ଆପଣ ସେମାନଙ୍କୁ ଚିହ୍ନଟ କରନ୍ତି?<br>(ପ୍ରତ୍ୟେକ ଦଳ ଗୋଟିଏ ପ୍ରକାର ଭିନ୍ନକ୍ଷମ ପିଲାଙ୍କର ଲକ୍ଷଣର ତାଲିକା ପ୍ରସ୍ତୁତ କରିବେ (VI, HI, LD, MR, Orthopaedic)<br>୪. ଏହା ବ୍ୟତୀତ ଆଉ କେଉଁ ଲକ୍ଷଣରୁ ଏହି ପିଲମାନଙ୍କୁ ଚିହ୍ନଟ କରାଯାଇପାରିବ? |

## ସାଧନକର୍ମୀଙ୍କ ପାଇଁ ସୂଚନା

❒ ପ୍ରଶ୍ନ ନଂ ୧ ଓ ୨ର ଆଲୋଚନାରେ ବିଭିନ୍ନ ପ୍ରକାରର ଭିନ୍ନକ୍ଷମ ପିଲାମାନଙ୍କର ତାଲିକା ପ୍ରସ୍ତୁତ କରାଯିବ । ଏହି ସମୟରେ ସାଧନକର୍ମୀ PWD Act-2005ରେ ଭିନ୍ନକ୍ଷମ ପିଲାମାନଙ୍କର ସାତ ପ୍ରକାରର ବିଭାଗ ଓ National Trust Act.ର ଚାରିପ୍ରକାରର ଭିନ୍ନକ୍ଷମ ପିଲାଙ୍କର ବିଭାଗୀକରଣକୁ ସୂଚାଇବେ ।

PWD Act.

- Visual Impairment
- Hearing Impairment
- Leprosy Cured
- Mentally Retarded
- Low Vision
- Mental Illness
- Locomotor Disability

National Trust Act

- Multiple Disabled
- Autism
- Mentally Retardation
- Cerebral Palsy

❒ ପ୍ରଶ୍ନ ନଂ ୩ ପାଇଁ ଅଂଶଗ୍ରହଣକାରୀମାନଙ୍କୁ ୫ଟି ଦଳରେ ଭାଗ କରାଯିବ । ପ୍ରତ୍ୟେକ ଦଳକୁ ଗୋଟିଏ ପ୍ରକାରର ଭିନ୍ନକ୍ଷମ ପିଲା (ଯଥା- VI, HI, LD, OD, MR)ସଂପର୍କରେ କାମ କରିବାକୁ କୁହାଯିବ । କେଉଁ କେଉଁ ଲକ୍ଷଣ ବା ବ୍ୟବହାରରୁ ସେହି ପିଲାମାନଙ୍କୁ ଚିହ୍ନଟ କରୁଛନ୍ତି ତାହା ଦଳରେ ଆଲୋଚନା କରି ଲେଖିବେ ଓ ଉପସ୍ଥାପନା କରିବେ । ପ୍ରତ୍ୟେକ ଦଳର ଉପସ୍ଥାପନା ପରେ ସାଧନକର୍ମୀ ଏହି ପ୍ରଶିକ୍ଷଣ ପ୍ରଦର୍ଶିକାରେ ଥିବା ଚିହ୍ନଟିକରଣ ସୂଚକ କୁ ପ୍ରତ୍ୟେକ ଦଳକୁ ଦେବେ । (ଯେଉଁ ଭିନ୍ନକ୍ଷମ ପିଲାଙ୍କ ଚିହ୍ନଟିକରଣ ପାଇଁ ସୂଚକ ନିର୍ଣ୍ଣୟ କରିଥିବେ ସେହି ଦଳକୁ ତତ୍ ସଂପର୍କିତ ସୂଚକ ଦିଆଯିବ) ।

❒ ସେମାନେ ପୂର୍ବରୁ ଲେଖିଥିବା ଚିହ୍ନଟୀକରଣ ସୂଚକ ଓ ତାଙ୍କୁ ଯୋଗାଇ ଦିଆଯାଇଥିବା ସୂଚକକୁ ତୁଳନା କରିବେ ଓ ଆଲୋଚନାକୁ ସଂକ୍ଷେପଣ କରାଯିବ ।

## ସୂଚନା ଫର୍ଦ୍ଦ

## ଭିନ୍ନକ୍ଷମତାର ଚିହ୍ନଟୀକରଣ

**୧. ସୀମିତ ଶ୍ରବଣ ଶକ୍ତି ସଂପନ୍ନ ପିଲାଟିର ନିମ୍ନଲିଖିତ ଲକ୍ଷଣ ଅଛି କି?**

❒ ଡାକିଲେ ଶୁଣିପାରେ ନାହିଁ ।

❒ ପଛରୁ ଶବ୍ଦ କଲେ ଜାଣିପାରେ ନାହିଁ ।

❒ ସ୍ପର୍ଶକରି ଡାକିଲେ ପିଲା ଜାଣିପାରେ ।

❒ ବକ୍ତାର ମୁହଁକୁ ବାରମ୍ବାର ଅନାଏ ।

❒ ଓଷ୍ଠଚାଳନାକୁ ଅନୁକରଣ କରିବାକୁ ଚେଷ୍ଟା କରେ ।

❒ କଥା ବୁଝିବା ପାଇଁ ବାରମ୍ବାର ଦୋହରାଇବାକୁ ଅନୁରୋଧ କରେ ।

❒ କାନକୁ ଗୋଟିଏ ପାଖକୁ ଢଳାଇରଖି ଶୁଣିବାକୁ ଚେଷ୍ଟା କରେ ।

❒ ଲେଖିଲା ବେଳେ ପାଖ ପିଲାଠାରୁ ଦେଖି ଲେଖେ ।

❒ ଅନ୍ୟର ଠାର ଓ ସଂକେତକୁ ସହଜରେ ବୁଝିପାରେ ।

❒ କଥା କହିଲାବେଳେ ଉଚ୍ଚାରଣ ଅସ୍ପଷ୍ଟ ହୋଇଥାଏ ।

❒ ଭାବ ପ୍ରକାଶ କଲାବେଳେ ଅଙ୍ଗଭଙ୍ଗୀ ଏବଂ ଠାର ଉପରେ ଅଧିକ ନିର୍ଭର କରିଥାଏ ।

**୨. ସ୍ୱଳ୍ପ ଦୃଷ୍ଟି ସମ୍ପନ୍ନ ପିଲାଟିର ନିମ୍ନଲିଖିତ ଲକ୍ଷଣ ଅଛି କି?**

❒ ମୁଖମଣ୍ଡଳର ପରିପ୍ରକାଶ ଓ ବିଭିନ୍ନ କ୍ରିୟାକଳାପ (action)କୁ ଚିହ୍ନିବାରେ ସମସ୍ୟାର ସମ୍ମୁଖୀନ ହୋଇଥାଏ ।

❒ ଅଳ୍ପ ଅନ୍ଧାରିଆ ସ୍ଥାନମାନଙ୍କରେ ପିଲାର ଚଳପ୍ରଚଳ ବାଧାପ୍ରାପ୍ତ ହୋଇଥାଏ ।

❒ ପରିବେଶର ଆଲୋକରେ ଭିନ୍ନତା ପିଲାକୁ ଅସୁବିଧାରେ ପକାଇଥାଏ ।

❒ ବଡ଼ ଅକ୍ଷରେ (ଛପା ଫର୍ଦ୍ଦ) ଲେଖାଥିବା ଅକ୍ଷର/ ପୁସ୍ତକ ପଢିବାରେ ପିଲା ଆଶ୍ୱସ୍ତି ଅନୁଭବ କରେ ।

❒ ପିଲାଠାରୁ ୧୪ ଇଞ୍ଚ ଦୂରତାରେ ଥିବା ବସ୍ତୁ ପାଖରେ ପିଲା ପହଞ୍ଚି ପାରେ ନାହିଁ ।

❒ କୌଣସି ବସ୍ତୁର ଦ୍ୱି-ମାତ୍ରିକ (2D) ଉପସ୍ଥାପନାକୁ ପିଲା ବୁଝିବାରେ ଅସୁବିଧାର ସମ୍ମୁଖୀନ ହୋଇଥାଏ ।

❒ ଆଖିଡୋଳାର ଅନିୟମିତ ଗତିଶୀଳତା ଯୋଗୁ ପିଲାଟି ଗୋଟିଏ ବସ୍ତୁ ଉପରେ ଦୃଷ୍ଟି କେନ୍ଦ୍ରିଭୂତ କରିପାରେ ନାହିଁ ।

❒ ପିଲାଟି ମନରେ କୌଣସି ବସ୍ତୁର ଛାୟା ଓ ସେହି ବସ୍ତୁ ମଧ୍ୟରେ ଭ୍ରମ ସୃଷ୍ଟି ହୋଇଥାଏ ।

❒ ଶ୍ରେଣୀର ପ୍ରଥମ ଧାଡିରେ ବସିଥିଲେ ବି କଳାପଟାର ଲେଖାକୁ ପଢିବାରେ ପିଲାଟି ଅସୁବିଧାର ସମ୍ମୁଖୀନ ହୁଏ ।

❒ପଢିବା ସମୟରେ ବହିକୁ ଆଖିର ଖୁବ୍ ନିକଟକୁ ବା ଖୁବ୍ ଦୂରକୁ ନେଇଥାଏ ।

❒ ଆଂଶିକ ଦୃଷ୍ଟି ଯୋଗୁଁ ପିଲାଟି ଧାଡି ଓ ଶବ୍ଦମାନଙ୍କ ମଧ୍ୟରେ ନିର୍ଦ୍ଦିଷ୍ଟ ଦୂରତା/ ସ୍ଥାନ ରଖିପାରେ ନାହିଁ ।

❒ ୪/୫ ମିଟର ବା ତା'ଠାରୁ ଅଧିକ ଦୂରତାରେ ଥିବା ଜିନିଷ/ ବ୍ୟକ୍ତି ବିଶେଷକୁ ଚିହ୍ନିବାରେ ଅସୁବିଧାର ସମ୍ମୁଖୀନ ହୋଇଥାଏ ।

❒ ଗୋଟିଏ ଗତିଶୀଳ ବସ୍ତୁକୁ ପିଛା କରିବାରେ ଅସୁବିଧା ହୋଇଥାଏ ।

❒ ବସ୍ତୁର ରଙ୍ଗକୁ ଚିହ୍ନିବାରେ ଓ ମେଳ କରିବାରେ ସମର୍ଥ ହୋଇନଥାଏ ।

❒ ସଂଖ୍ୟା, ଚିହ୍ନ ଓ ସଂରଚନାକୁ ଚିହ୍ନିବାରେ ପିଲାଟି ସମସ୍ୟାର ସମ୍ମୁଖୀନ ହୋଇଥାଏ ।

**୩. ବୌଦ୍ଧିକ ଅନଗ୍ରସରତା ଥିବା ପିଲାଟିର ନିମ୍ନଲିଖିତ ଲକ୍ଷଣ ଅଛି କି?**

❒ ଶିଶୁର କ୍ରମବିକାଶ(Milestones)ର ଯଥା: ବସିବା, ଉଠିବା, ଚାଲିବା, କଥା କହିବା ଇତ୍ୟାଦିର ବିଳମ୍ବ ।

❒ ଭାଷା, ଆଦାନ- ପ୍ରଦାନରେ ଅସୁବିଧା ଅନୁଭବ କରିବା ।

❒ ନିଜ ବୟସ ତୁଳନାରେ ସାମାଜିକ ବ୍ୟବହାର ଓ ଚଳପ୍ରଚଳର ଦକ୍ଷତା ଅନ୍ୟ ପିଲାଙ୍କଠାରୁ କମ୍ ରହିଥାଏ ।

❒ ବୁଝିବାରେ କଷ୍ଟ ଅନୁଭବ କରିବା/ ବିଳମ୍ବରେ ବୁଝିବା (Delayed response)

- ପିଲାଟି ଶିକ୍ଷଣ କ୍ଷେତ୍ରରେ କେବଳ ବାସ୍ତବ ଉଦାହରଣ ଉପରେ ନିର୍ଭର କରେ ।
- ବୟସ ଅନୁସାରେ ଶିକ୍ଷାଗ୍ରହଣ କରିପାରିନଥାଏ ।
- କୌଣସି କାରଣ ନଥାଇ ହସିଥାଏ ।
- ଶାରୀରିକ ସମନ୍ୱୟର ଅଭାବ ଦେଖାଯାଏ ।
- ସମ୍ବନ୍ଧ ବିହୀନ କଥାବାର୍ତ୍ତା କରିବା ।
- ନିଜ ଦେହକୁ ଖଣ୍ଡିଆ କରି ପକାଇବା ।
- ପାଟିରୁ ବାରମ୍ବାର ଲାଳ ନିର୍ଗତ ହେଉଥିବା ।
- ଶରୀର ତୁଳନାରେ ମୁଣ୍ଡ ଅତ୍ୟନ୍ତ ବଡ଼ ବା ଅତ୍ୟନ୍ତ ଛୋଟ ହୋଇଥିବା ।

# ବ୍ୟବହାରରୁ ସାମର୍ଥ୍ୟ ଚିହ୍ନଟୀକରଣ

*ପ୍ରଥମ ଦିବସ*
*ଚତୁର୍ଥ ଅଧିବେଶନ*
*ସମୟ - ୧ଘ ୧୫ମି·*

**ପ୍ରତ୍ୟାଶିତ ଫଳାଫଳ:- ଅଂଶଗ୍ରହଣକାରୀମାନେ-**

- Autism, Cerebral Palsy ଓ Multiple Disabled ପିଲାମାନଙ୍କୁ କେଉଁ କେଉଁ କାର୍ଯ୍ୟକଳାପ/ଲକ୍ଷଣରୁ ସେମାନଙ୍କୁ ଚିହ୍ନିହେବ ସେଗୁଡିକୁ ଜାଣିବେ ।
- ଏହି ଲକ୍ଷଣଗୁଡ଼ିକର ବହୁବିଧ ବ୍ୟବାହାରର ଉପାୟଗୁଡିକୁ ଜାଣିବେ ।

| ପ୍ରଣାଳୀ | ଆଲୋଚ୍ୟ ବିଷୟ |
|---|---|
| ❒ **'ସକ୍ରିୟାତ୍ମକ କାର୍ଯ୍ୟ'** ଯାଦୁମୁଣି ପରେ ୧ ନମ୍ବର ପ୍ରଶ୍ନର ଖୋଲା ଆଲୋଚନା କରାଯିବ ।<br>❒ ୨ ନମ୍ବର ପ୍ରଶ୍ନର ଖୋଲାଆଲୋଚନା ପରେ ସେହି ପ୍ରକାର ଅକ୍ଷମତା ସଂପର୍କୀତ ସଂକ୍ଷିପ୍ତ ସୂଚନା ଫର୍ଦ୍ଦ ଦିଆଯିବ ।<br>❒ ଅଂଶଗ୍ରହଣକାରୀମାନଙ୍କୁ ୬ଟି ଦଳରେ ଭାଗ କରାଯିବ । ପ୍ରତ୍ୟେକ ଦୁଇଟି ଦଳକୁ ଗୋଟିଏ ପ୍ରକାରର ଅକ୍ଷମତା ଉପରେ ଆଲୋଚନା କରି ୩ ନମ୍ବର ପ୍ରଶ୍ନର ଉତ୍ତର ଲେଖିବାକୁ କୁହାଯିବ ।<br>ଦଳ ୧ ଓ ୨ – Cerebral Palsy<br>ଦଳ ୩ ଓ ୪ – Autism<br>ଦଳ ୫ ଓ ୬ – Multiple Disabled<br>ଦଳଗତ ଉପସ୍ଥାପନା<br>↓<br>ଆଲୋଚନା<br>↓<br>ସଂକ୍ଷେପଣ<br>❒ ଏହି ଲକ୍ଷଣଗୁଡିକ ବ୍ୟତୀତ୍ ଆଉ କେଉଁ କେଉଁ ଲକ୍ଷଣ/ବ୍ୟବହାର ଏହି ପିଲାମାନଙ୍କଠାରେ ଦେଖିବାକୁ ମିଳେ?<br>❒ ଏହି ଲକ୍ଷଣଗୁଡିକ ଜାଣିଲେ ଶିକ୍ଷକଙ୍କର କ'ଣ ସୁବିଧା ହେବ?<br>❒ ଆମେ ଏହି ଅଧିବେଶନରୁ କ'ଣ ଜାଣିଲେ?<br>❒ ସାଧନକର୍ମୀ ପ୍ରତ୍ୟେକ ଦଳକୁ ସେମାନେ କାର୍ଯ୍ୟକରିଥିବା ଅକ୍ଷମତା ସଂପର୍କୀତ, ସୂଚନା ଫର୍ଦ୍ଦକୁ ଦିଆଯିବ ଦଳରେ ଆଲୋଚନା କରି ୪ ନଂ ପ୍ରଶ୍ନର ଉତ୍ତର ଦେବେ ।<br>❒ ୫ ନଂ ପ୍ରଶ୍ନ ପାଇଁ ବ୍ୟକ୍ତିଗତ କାର୍ଯ୍ୟ ଓ ଆଲୋଚନା | ୧· ଆଖିବନ୍ଦଥାଇ ମଧ୍ୟ ଆପଣ ଏକ ନିର୍ଦ୍ଦିଷ୍ଟ ଜିନିଷକୁ ଚିହ୍ନିଲେ କିପରି?<br>୨· Autism, Cerebral Palsy ଓ Multiple Handicaped ପିଲା କହିଲେ ଆପଣ କ'ଣ ବୁଝନ୍ତି?<br>୩· କେଉଁ କେଉଁ ଲକ୍ଷଣରୁ ଆପଣ ଏହି ପ୍ରକାରର ପିଲାଙ୍କୁ ଚିହ୍ନିବେ? |

# ସକ୍ରିୟାତ୍ମକ କାର୍ଯ୍ୟ

**ଯାଦୁମୁଣି:-**

ଗୋଟିଏ ବ୍ୟାଗରେ କିଛି ପରିବା ଯଥା- ବାଇଗଣ, ଆଳୁ, କୋବି, ଝୁଡ଼ୁଙ୍ଗ ଇତ୍ୟାଦି ଅନେକ ପରିବା ରିଖାଯାଇଥିବ । ଗୋଟିଏ ପିଲାର ଆଖିରେ ପଟି ବାନ୍ଧି ସେ ବ୍ୟାଗରୁ ନିଜେ ଗୋଟିଏ ପରିବା ବାହାର କରିବ ଓ ତାକୁ ଛୁଇଁ, ଏପଟ ସେପଟ କରି ଏହା କେଉଁ ପରିବା ତାହା କହିବେ । ଯଦି ନକହି ପାରିବେ ତେବେ ଆଉ ଜଣେ ଅଂଶଗ୍ରହଣକାରୀଙ୍କୁ ସୁଯୋଗ ଦିଆଯିବ ।

## Cerebral Palsy

୬ବର୍ଷ ବୟସ ପୂର୍ବରୁ ପିଲାଟିର ବୟସ ଉପଯୋଗୀ ବିକାଶରେ ବିଳମ୍ବ, ଅପସ୍ମାର(ବାତ), ଅନବରତ ଲାଳ ଗଡ଼ିବା ଏବଂ ଅନିଚ୍ଛୁକ (Involuntary) ଚଳଣ ଥିଲେ ପିତାମାତାଙ୍କ ସହାୟତାରେ ପିଲାଟି ବିଷୟରେ ଜାଣିବା ନିହାତି ଆବଶ୍ୟକ । ଉପରୋକ୍ତ ଲକ୍ଷଣଗୁଡ଼ିକ ସହିତ ନିମ୍ନଲିଖିତ ଲକ୍ଷଣଗୁଡ଼ିକ ମଧ୍ୟରୁ ଅତିରିକ୍ତ ଯେକୌଣସି ୨ଟି ଲକ୍ଷଣର ଉପସ୍ଥିତି ମସ୍ତିଷ୍କ ପକ୍ଷାଘାତ ଥିବା ଦର୍ଶାଏ ।

- ସ୍ୱେଚ୍ଛାକୃତ ଚଳଣ ନିୟନ୍ତ୍ରଣ କରିବାରେ ପିଲାଟିର ଅସୁବିଧା ଥାଏ ।
- ପିଲାଟି ଚଳିବାରେ ଅଙ୍ଗଭଙ୍ଗୀରେ ଏବଂ ଭାରସାମ୍ୟ ରକ୍ଷା କରିବାରେ ଅସୁବିଧା ହୁଏ ।
- ବିନା ସହାୟତାରେ ସାଧାରଣ ଚୌକିରେ ବସିବା, ଚାଲିବା, ଡେଇଁବା, ଚଢିବା, ନଇଁବା ଭଳି ସ୍ଥୁଳ ସଞ୍ଚାଳନ ଦକ୍ଷତା ଗୁଡ଼ିକରେ ପିଲାଟିର ଅସୁବିଧା ଥାଏ ।
- ଜିନିଷ ଧରିବା, ରଖିବା, ଛୁରୀ ବା କଇଁଚିରେ କାଟିବା, ଅଠା ଲଗାଇବା, ଲେଖିବା ଇତ୍ୟାଦି ସୂକ୍ଷ୍ମ ସଞ୍ଚାଳନ ଏବଂ ଆଖି ଓ ହାତର ସମନ୍ୱୟ ରକ୍ଷା କରିବା ଦକ୍ଷତାରେ ପିଲାଟିର ଅସୁବିଧା ହୁଏ ।
- ପିଲାଟି ନିଜର ଦୈନନ୍ଦିନ କାର୍ଯ୍ୟକ୍ରମ (Activities of Daily Living) କରିବାରେ ଅସୁବିଧା ହୁଏ ।
- କଥା କହିଲା ବେଳେ ଶ୍ୱାସ ପ୍ରଶ୍ୱାସର ଉପଯୁକ୍ତ ବ୍ୟବହାର ଏବଂ ଶବ୍ଦ ଉଚ୍ଚାରଣରେ ପିଲାଟିର ସମସ୍ୟା ଥାଏ ।
- ସମନ୍ୱୟ ଅଭାବ ଥିବାରୁ ପଠନ ଓ ଲିଖନରେ ପିଲାଟି ସହାୟତା ଖୋଜେ ।

## Autism (ସ୍ୱପରାୟଣତା)

**ସୂଚନା: ନିମ୍ନଲିଖିତ ରେଖାଙ୍କିତ ବାକ୍ୟ ସହିତ ଯେକୌଣସି ୨ଟି ଅତିରିକ୍ତ ଲକ୍ଷଣ ପରିଦୃଷ୍ଟିତ ହେଲେ ତାହାକୁ Autism ବୋଲି କହିବା ।**

- ପିଲାଟିର Eye contact ବହୁତ ସମୟ ଧରି ରଖିବାରେ ଅସୁବିଧାର ସମ୍ମୁଖୀନ ହୋଇଥାଏ ।
- ପିଲାଟି ପଚାରିଥିବା ପ୍ରଶ୍ନକୁ ପୁନରାବୃତ୍ତି କରେ । ଉଦାହରଣ: ତୁମ ନାମ କଣ ପଚାରିଲେ ସେ ଉତ୍ତର ଦେବା ଆଗରୁ ତୁମ ନାମ କ'ଣ କହି ତା'ପରେ ଉତ୍ତର ଦିଏ ।
- ପିଲାଟି ମୁଁ ଓ ତୁମ ମଧ୍ୟରେ ପାର୍ଥକ୍ୟ ଜାଣିପାରେ ନାହିଁ ।
- ପିଲାଟି ସାଙ୍ଗସାଥୀ ସହିତ ଖେଳିବାରେ ଅସୁବିଧାର ସମ୍ମୁଖୀନ ହୁଏ ଏବଂ ତା ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରେ ନାହିଁ ।

❒ ଅନ୍ୟମାନଙ୍କ ଶାରୀରିକ ଭଙ୍ଗୀ ବୁଝିବାରେ ଅସୁବିଧା ହୁଏ । ମୁଣ୍ଡ ହଲାଇବା (ହଁ/ନାହିଁ) ଓ ହାତଠାରି ଡାକିବା ଠିକ୍ ଭାବେ ବୁଝିପାରେନାହିଁ ।

❒ ପିଲାଟି ଏକୁଟିଆ ଚୁପ୍‌ଚାପ ବସିବାକୁ ଭଲ ପାଏ ।

❒ ପିଲାଟିକୁ ତା' ନାମଧରି  ଡାକିଲେ ତାହା ସେ ହଠାତ୍ ଗ୍ରହଣ କରିପାରେ ନାହିଁ ।

❒ ପିଲାଟି ଅନେକ ସମୟରେ ଗୋଟିଏ କାମକୁ ବାରମ୍ବାର କରେ, ଯଥା- ତାଳିମାରିବା, ଶରୀର ହଲାଇବା, ହାତକୁ ବାଡ଼େଇବା, ଇତ୍ୟାଦି ।

❒ ପିଲାଟି ବିଷୟବସ୍ତୁ କିମ୍ବା ଆଲୋଚ୍ୟ ବିଷୟ ବାହାରୁ ପ୍ରଶ୍ନ କିମ୍ବା ନିର୍ଦ୍ଦିଷ୍ଟ ପ୍ରଶ୍ନକୁ ବାରମ୍ବାର ପଚାରି ଶ୍ରେଣୀ ଗୃହକୁ ବିଶୃଙ୍ଖଳିତ କରିଥାଏ ।

❒ ପିଲାଟି ଗୋଟିଏ ନିର୍ଦ୍ଦିଷ୍ଟ ବସ୍ତୁ କିମ୍ବା କାର୍ଯ୍ୟ ସହ ସଂଶ୍ଲିଷ୍ଟ ଥାଏ ।

❒ ପିଲାଟି ସଂଖ୍ୟା, ତାରିଖ, ଫୋନ୍ ନମ୍ବର ଏବଂ ନାମ ଇତ୍ୟାଦି ଅନର୍ଗଳ କହିଚାଲିଥାଏ ।

❒ ପିଲାଟି ଭାବାତ୍ମକ ଆବେଗକୁ (ଯଥା- ରାଗିବା, ଦୁଃଖ ପ୍ରକାଶ, ଯନ୍ତ୍ରଣା ଅନୁଭବ)ଠିକ୍ ଭାବେ ବ୍ୟକ୍ତ କରିବାରେ ସମର୍ଥ ହୋଇନଥାଏ ।

# ଭିନ୍ନକ୍ଷମ ପିଲାଙ୍କ ପାଇଁ ପ୍ରତିବନ୍ଧକ ମୁକ୍ତ ପରିବେଶର ଆବଶ୍ୟକତା

*ଦ୍ୱିତୀୟ ଦିବସ*
*ପ୍ରଥମ ଅଧିବେଶନ*
*ସମୟ- ୧ଘ ୧୫ମି.*

**ପ୍ରତ୍ୟାଶିତ ଫଳାଫଳ: ଅଂଶଗ୍ରହଣକାରୀମାନେ:**

- ପ୍ରତିବନ୍ଧକ ମୁକ୍ତ ପରିବେଶ କ'ଣ ଜାଣିବେ ।
- ବିଦ୍ୟାଳୟର ସମସ୍ତ କାର୍ଯ୍ୟରେ ବିନାବାଧାରେ ଭାଗନେବାରେ ବିଭିନ୍ନ ପ୍ରକାର ଭିନ୍ନକ୍ଷମ ପିଲାମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡିକୁ ଚିହ୍ନଟ କରିବେ ।
- ଏହି ସବୁ ସମସ୍ୟା ସମାଧାନରେ ବିଦ୍ୟାଳୟ ଓ ଶିକ୍ଷକଙ୍କ ଭୂମିକା ଜାଣିବେ ।

| ପ୍ରକ୍ରିୟା/ ପ୍ରଣାଳୀ | ଆଲୋଚ୍ୟ ବିଷୟ |
|---|---|
| ❒ ସକ୍ରିୟାତ୍ମକ କାର୍ଯ୍ୟ ପରେ ଅଂଶଗ୍ରହଣକାରୀଙ୍କୁ ୫/୬ଟି ଦଳରେ ଭାଗ କରାଯାଇ ସାରଣୀ-୧ ଦିଆଯିବ ।<br>❒ ୨ ନମ୍ବର ପ୍ରଶ୍ନ ପାଇଁ ପୂର୍ବ ଦଳରେ ଆଲୋଚନା କରି ଉପସ୍ଥାପନ କରିବେ । ସାଧନକର୍ମୀ ସମସ୍ତ ସମସ୍ୟାର ତାଲିକା ପ୍ରସ୍ତୁତ କରିବେ ।<br>❒ ପ୍ରଶ୍ନ ୩ ପାଇଁ ବ୍ୟକ୍ତିଗତ କାର୍ଯ୍ୟ ଓ ଆଲୋଚନା ।<br>❒ ପ୍ରଶ୍ନ ୪ ପାଇଁ<br>ଦଳଗତ କାର୍ଯ୍ୟ<br>↓<br>ଉପସ୍ଥାପନା<br>↓<br>ସଂକ୍ଷେପଣ | ୧. ଆପଣମାନେ ସକ୍ରିୟାତ୍ମକ କାର୍ଯ୍ୟରୁ ନିଜର ଅଭିଜ୍ଞତାକୁ ଦଳରେ ଆଲୋଚନା କରି ସାରଣୀ -୧ ପୂରଣ କରନ୍ତୁ ।<br>୨. ଆପଣମାନେ ଚିହ୍ନଟ କରିଥିବା ସମସ୍ୟାଗୁଡ଼ିକ ବ୍ୟତୀତ ଭିନ୍ନଭିନ୍ନ ପ୍ରକାରର ଭିନ୍ନକ୍ଷମ ଶିକ୍ଷାର୍ଥୀମାନେ ବିଦ୍ୟାଳୟରେ କେଉଁ ସବୁ କ୍ଷେତ୍ରରେ ସମ୍ମୁଖୀନ ହୁଅନ୍ତି?<br>୩. ଏହି ସମସ୍ୟାଗୁଡ଼ିକୁ ଆମେ କିପରି ବର୍ଗୀକରଣ କରିପାରିବା?<br>୪. ଏହି ସବୁ ସମସ୍ୟା ସମାଧାନରେ ବିଦ୍ୟାଳୟ, ଶିକ୍ଷକ, BRTଙ୍କ ଭୂମିକା କ'ଣ? |

# ସାଧନକର୍ମୀଙ୍କ ପାଇଁ ସୂଚନା

## ସକ୍ରିୟାତ୍ମକ କାର୍ଯ୍ୟ ୧

ଅଂଶଗ୍ରହଣକାରୀମାନେ ୫ଟି ଦଳରେ ବସିବେ । ପ୍ରଶିକ୍ଷଣ ଶିବିର ଭିତରେ ୫ଟି ସ୍ଥାନ ନିରୂପଣ କରିବେ ।

ଯଥା:-

ଶୌଚାଳୟ

ଖେଳପଡ଼ିଆ

ପ୍ରଧାନ ଶିକ୍ଷକଙ୍କ କୋଠରୀ

ପାଣିକଳ ପାଖ

କଳାପଟା

ପ୍ରତ୍ୟେକ ଦଳରୁ ଜଣେ ହ୍ୱିଲ ଚେୟାରରେ ବସିବେ । ଜଣେ ଆଶାବାଡି (Crutch) ଧରି ବସିବେ । ଜଣେ ଆଖି ବନ୍ଦକରି (ଅନ୍ଧପୁଟୁଳି ପିନ୍ଧି) ବସିବେ । ଜଣେ କାନ ବନ୍ଦକରି ବସିବେ । ଜଣଙ୍କର ଦୁଇ ହାତ ପଛକୁ କରି ବାନ୍ଧିବା, ଜଣଙ୍କର ଗୋଡ଼ଗୋଟିଏ ବାନ୍ଧି ଆଖି ବନ୍ଦ କରିଦେବା ।ଦଳର ଲୋକ କେହି ତାଙ୍କୁ ସାହାଯ୍ୟ କରିବେନି ।

ନିରୂପିତ ସ୍ଥାନକୁ ପ୍ରତ୍ୟେକ ଯାଇ ପୁଣି ନିଜସ୍ଥାନକୁ ଫେରି ନିଜର ଅଭିଜ୍ଞତାକୁ ଦଳରେ ଆଲୋଚନା କରି ପୂରଣ କରିବେ ।

**ସାରଣୀ-୧**

| କେଉଁ ପ୍ରକାରର ଭିନ୍ନକ୍ଷମ ପିଲା | ସମ୍ମୁଖୀନ ହୋଇଥିବା ସମସ୍ୟା | ସମାଧାନ |
|---|---|---|
| | | |

## ପ୍ରଶ୍ନ -୨ର ଉତ୍ତର

### ୧. ବିଦ୍ୟାଳୟର ପାରିପାର୍ଶ୍ୱିକ ଅବସ୍ଥା

- ❒ ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ଶ୍ରେଣୀଗୃହଗୁଡ଼ିକ ପ୍ରତିବନ୍ଧକ ମୁକ୍ତ ପରିବେଶ ହେବା ଆବଶ୍ୟକ ।
- ❒ ବିଦ୍ୟାଳୟର ପ୍ରତ୍ୟେକ ସ୍ଥାନ ପ୍ରତିବନ୍ଧକ ମୁକ୍ତ ହେବା ଆବଶ୍ୟକ ।
- ❒ ସ୍କୁଲର ଖେଳ ପଡ଼ିଆରେ ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ପ୍ରତିବନ୍ଧକ ମୁକ୍ତ ହେବା ଆବଶ୍ୟକ ।
- ❒ ଭିନ୍ନକ୍ଷମ ପିଲାମାନଙ୍କ ଉପଯୋଗୀ ଓ ବାଧାମୁକ୍ତ ଶୌଚାଳୟ ରହିବା ଆବଶ୍ୟକ ।

### ୨. ସାମାଜିକ ପ୍ରତିବନ୍ଧକ

- ❒ ସାଙ୍ଗସାଥୀମାନଙ୍କ ଦ୍ୱାରା ଭିନ୍ନକ୍ଷମ ପିଲାଟି ଗ୍ରହଣୀୟ ହେବା ଆବଶ୍ୟକ ।

- ଭିନ୍ନକ୍ଷମ ପିଲାମାନେ ସମସ୍ତ Co-curricular କାର୍ଯ୍ୟକ୍ରମ (ଯଥା- ଖେଳ, ନାଚ, ଗୀତ)ରେ ଭାଗନେଇ ପାରୁଥିବେ ।
- ଏହି ପିଲାମାନଙ୍କ ପ୍ରତି ଶ୍ରେଣୀଗୃହରେ ଏବଂ ବାହାରେ ଶିକ୍ଷକ/ଶିକ୍ଷୟିତ୍ରୀ, ସାଙ୍ଗସାଥୀ/ ପିତାମାତା, ଗ୍ରାମବାସୀ ମାନଙ୍କର ସକରାତ୍ମକ ମନୋଭାବ ରହିବା ଆବଶ୍ୟକ ।

## ଶିକ୍ଷା ସମ୍ବନ୍ଧୀୟ ପ୍ରତିବନ୍ଧକ

- ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ଶିକ୍ଷକ/ଶିକ୍ଷୟିତ୍ରୀମାନେ ଗୁରୁତ୍ୱ ପ୍ରଦାନ କରୁଥିବା ଆବଶ୍ୟକ ।
- ଶିକ୍ଷକ/ ଶିକ୍ଷୟିତ୍ରୀମାନେ ଭିନ୍ନକ୍ଷମ ଶିଶୁମାନଙ୍କୁ ଶିକ୍ଷାଦାନ ନିମନ୍ତେ ଆବଶ୍ୟକ ପ୍ରଶିକ୍ଷଣ ପାଇଥିବା ଆବଶ୍ୟକ ।
- ଶ୍ରେଣୀଗୃହରେ ଶିକ୍ଷାଦାନ ସମୟରେ ଭିନ୍ନକ୍ଷମ ପିଲାମାନଙ୍କୁ ଅଧିକ ପ୍ରାଧାନ୍ୟ ଦେବା ଆବଶ୍ୟକ ।
- ନିଜ ଦଳରେ ଅନ୍ୟପିଲାମାନଙ୍କ ସହ ବନ୍ଧୁତା ସ୍ଥାପନ କରିବେ ।

**ପ୍ରତିବନ୍ଧକ ମୁକ୍ତ ପରିବେଶ ସୃଷ୍ଟିରେ ବିଦ୍ୟାଳୟ ଓ ଶିକ୍ଷକଙ୍କ ଭୂମିକା:-**

**୧. କ) ସ୍କୁଲଗୃହକୁ ପ୍ରବେଶ ପାଇଁ ନିମ୍ନ ପଦକ୍ଷେପ ନେଇପାରିବେ ।**

- ବିଦ୍ୟାଳୟ ହତାର ମାନଚିତ୍ର ବିଦ୍ୟାଳୟ ପ୍ରବେଶପଥ ନିକଟରେ ଥିବ ।
- ସହଜ ଖସଡ଼ା (୧:୧୨)
- ଚଉଡ଼ା/ ଓସାର (୧୮୦୦)ମି.ଲି.ମି
- ଉଭୟ ପାର୍ଶ୍ୱରେ ହାତାବାଡ଼ା - (ଉଚ୍ଚତା-୮୫୦ ମିଲିମି)
- ଖସଡ଼ାରେ ଖସିବା ପାଇଁ ପ୍ରତିରୋଧକ
- ସହଜ ଚଢିବା ସୋପାନ
- ତଦାରଖ ଏବଂ ସତର୍କ
- କବାଟ ଗୁଡ଼ିକ ସୂର୍ଯ୍ୟରଶ୍ମି ଭେଦ ରହିବା
- ଓସାର

**ଖ) Guide Blocks ର ପ୍ରକାର**

- ଛାରିଛକି ରାସ୍ତା ସୂଚକ (+)
- ଦୋ ଛକି ରାସ୍ତା ସୂଚକ (⎣______)
- ତିନିଛକି ରାସ୍ତା ସୂଚକ (T)
- ହାତବାଡ଼ା ଓ ଧରିବା ଦଣ୍ଡ
- ୪୦ରୁ ୪୫ ମିଲିମି ବ୍ୟାସାର୍ଦ୍ଧ

**ଗ) ଯେଉଁଗୁଡିକ ଲାଗିବ ସେଗୁଡିକ ୪୫ ମି.ଲି.ମି. ଚଟାଣରୁ ଛାଡ଼ି ।**

- ଚଟାଣରୁ ୮୫୦ରୁ ୯୦୦ ମି.ଲି.ମି. ଉଚ୍ଚତା ହେବା ଦରକାର ।
- ବାଡ଼ାର ଶେଷଭାଗଙ୍କୁ ୩୦୦ ମି.ଲି.ମି. Curve ବଙ୍କା ହେବା ଉଚିତ୍ ।

❒ ଦୁଇଟି ବାଡ଼ା (ଉପର ଓ ତଳ) ୧୫୦ ମଧ୍ୟରେ ମି·ମି· ଫାଙ୍କା ରହିବା ଆବଶ୍ୟକ ।

❒ ତଳସ୍ତର ସମାନ ରହିବା ଆବଶ୍ୟକ ।

❒ ବିଦ୍ୟାଳୟ ବାରଣ୍ଡାରେ କୌଣସି ବସ୍ତୁ ବା ଜିନିଷ ୨ ମିଟରରୁ କମ୍ ଉଚ୍ଚତାରେ ନ ରହିବା ଉଚିତ୍ ।

ଘ) ପାହାଚ (Stair Case)

❒ ପାହାଚ ଆରମ୍ଭ ଓ ଶେଷରୁ, ପୂର୍ବରୁ ଓ ପରେ ୩୦୦ ମିଲିମି ଦୂରରେ Warning blocks ରହିବା ଆବଶ୍ୟକ ।

❒ ପ୍ରତ୍ୟେକ ପାହାଚର ୪୫ ମିଲିମି ଧାରକୁ ଉଜ୍ଜ୍ୱଳ ରଙ୍ଗ ଦିଆଯିବ ।

❒ ପ୍ରତ୍ୟେକ ପାହାଚର ଉଚ୍ଚତା ୧୫୦ ମି·ଲି· ଓ ଓସାର ୩୦୦ ମି·ଲି· ହେବା ଆବଶ୍ୟକ ।

❒ ହାତବାଡ଼ାରେ ଥିବା ବାଡ଼ା ୮୫୦ ମି·ଲି·ମି, ଉଚ୍ଚତା ୩୦ ରୁ ୪୫ ମି·ଲି·ମି· ବ୍ୟାସାର୍ଦ୍ଧ ବିଶିଷ୍ଟ ହୋଇଥିବା ଆବଶ୍ୟକ ଏବଂ ଏହା କାନ୍ଥ ଓ ବାଡ଼ାର ବ୍ୟବଧାନ ୪୦ ମି·ଲି·ମି· ଦୂରରେ ରହିବା ଆବଶ୍ୟକ ।

❒ ବାଡାରେ Braille Writing ରହିବା ଆବଶ୍ୟକ ।

❒ ପ୍ରତ୍ୟେକ ପାହାଚରେ ଧାର ନ ରହିବା ଆବଶ୍ୟକ ।

ଙ) Ramp (ଖସଡ଼ା)

❒ ସାଧାରଣ ଖସଡ଼ା ୧:୧୨ ହେବା ଆବଶ୍ୟକ ।

❒ ପ୍ରତ୍ୟେକ ଖସଡ଼ା ଯଦି ଅଧିକ ଲମ୍ବାଥାଏ ତେବେ ପ୍ରତ୍ୟକ ୯୦୦ ମି·ମି· ଦୂରତାରେ ଏକ ବିଶ୍ରାମ ସ୍ଥାନ ରହିବା ଆବଶ୍ୟକ, କିମ୍ବା ଉଚ୍ଚତା ଅନୁଯାୟୀ ପ୍ରତ୍ୟେକ ୭୫୦ ମି·ମି· ଉଚ୍ଚତାରେ ମଧ୍ୟ ବିଶ୍ରାମ ସ୍ଥାନ ରହିବା ଆବଶ୍ୟକ ।

❒ ଏହି ବିଶ୍ରାମ ସ୍ଥାନର ଚଉଡ଼ା ୧୨୦୦ମି·ମି· ନିଶ୍ଚିତ ହେବା ଆବଶ୍ୟକ ।

❒ ବିଭିନ୍ନ ରଙ୍ଗ (Black & White)ର ବ୍ୟବହାର କରାଗଲେ ସ୍ୱଳ୍ପ ଦୃଷ୍ଟିସଂପନ୍ନ ପିଲାମାନେ ଅସୁବିଧାର ସମ୍ମୁଖୀନ ହେବେ ନାହିଁ ।

❒ ସବୁ ସ୍ଥାନରେ ବ୍ରେଲରେ ସୂଚନା ରହିବା ଆବଶ୍ୟକ ।

ଚ) ଚକ ଲଗା ଚଉକି ବ୍ୟବହାରକାରୀଙ୍କ ପାଇଁ ଶୌଚାଳୟ

❒ ଶୌଚାଳୟଟି ଯଥାକ୍ରମେ ୧୭୫୦ ମି·ଲି·X ୨୦୦୦ମି·ଲି· ଓସାର ଓ ଲମ୍ବ ବିଶିଷ୍ଟ ହେବା ଆବଶ୍ୟକ ।

❒ ଶୌଚାଳୟର ଦ୍ୱାର ୯୦୦ ମି·ଲି· ରୁ ଉର୍ଦ୍ଧ୍ୱ ହେବା ଆବଶ୍ୟକ ଓ ଏହା ଖସଡ଼ା ଦ୍ୱାର ହେବା ଆବଶ୍ୟକ ।

❒ ଦ୍ୱାର ଭିଡ଼ିବା ପାଇଁ ହାତବାଡ଼ା ୭୦୦ମି·ମି· ଉଚ୍ଚତାରେ ରହିବା ଆବଶ୍ୟକ, ଏହା ସହିତ କବାଟ ବନ୍ଦ ଓ ଖୋଲିବା ହୁକର ଉଚ୍ଚତା ୬୦୦ମି·ମି·, (ଭିତର) ଓ ୪୪୦ମି·ମି· (ବାହାର)ହେବା ଆବଶ୍ୟକ ।

❒ ଶୌଚଳାୟ ପାଶ୍ଚାତ ଦେଶୀୟ ଢଙ୍ଗରେ ହେବା ଆବଶ୍ୟକ ।

**ଛ) ଶୌଚପାଇଁ ଜଳ ବ୍ୟବସ୍ଥା**

- ଏହାର ଓସାର ୯୦୦ ମି·ମି· ହେବା ଆବଶ୍ୟକ ।
- ଜଳକଳ ଚଟାଣଠାରୁ ୪୮୦ ମି·ମି· ଉଚ୍ଚତାରେ ରହିବା ଆବଶ୍ୟକ ।
- ଧରିବା ବାଡ଼ା ଲାଗିକରି ରହିବା ଆବଶ୍ୟକ ।
- ସାମନାରେ ଥିବା ଦର୍ପଣ ଭୂମିଠାରୁ ୫୦ ମି·ମି· ଉଚ୍ଚତାର ରହିବା ଆବଶ୍ୟକ ।

**ଜ) ହାତଧୁଆ ବେସିନ୍**

- ହାତ ଧୋଇବା Basin 520 ମିମି ହେବା ଆବଶ୍ୟକ ।
- ଏହା ୯୦୦ ମିମି ଉଚ୍ଚତାରେ ରହିବା ଆବଶ୍ୟକ ।
- ଏହାର ଆଣ୍ଠୁରହିବା ସ୍ଥାନ ପାଇଁ ୭୫୦ ମିମି ଓସାର, ୨୦୦ମିମି ଗଭୀରତା ଓ ୬୫୦ ମି·ମି· ଉଚ୍ଚତା ହେବା ଆବଶ୍ୟକ ।
- ଜଳକଳର ହ୍ୟାଣ୍ଡେଲ ଲମ୍ବା ହେବା ଆବଶ୍ୟକ ।
- ଦର୍ପଣର ତଳଭାଗ ଚଟାଣ ଠାରୁ ୧୦୦ ମିମି ଉଚ୍ଚତାରେ ରହିବା ଆବଶ୍ୟକ ।

# ଭିନ୍ନକ୍ଷମ ପିଲାଙ୍କ ପାଇଁ ଶ୍ରେଣୀ ସଜ୍ଜୀକରଣ, ସ୍ୱତନ୍ତ୍ର ଶିକ୍ଷଣ ସାମଗ୍ରୀ ଓ ସହାୟକ ଉପକରଣର ବ୍ୟବହାର ଓ ସେମାନଙ୍କର ରକ୍ଷଣାବେକ୍ଷଣ

*ଦ୍ୱିତୀୟ ଦିବସ*
*ଦ୍ୱିତୀୟ ଅଧିବେଶନ*
*ସମୟ; ୧ଘ. ୧୫ମି.*

**ପ୍ରତ୍ୟାଶିତ ଫଳାଫଳ: ଅଂଶଗ୍ରହଣକାରୀମାନେ:**

- ଭିନ୍ନକ୍ଷମ ପିଲାଙ୍କ ପାଇଁ ଶ୍ରେଣୀ ସଜ୍ଜୀକରଣର ଆବଶ୍ୟକତାକୁ ଉପଲବ୍ଧି କରିବେ ।
- ସ୍ୱତନ୍ତ୍ର ଶିକ୍ଷଣ ସାମଗ୍ରୀ ଓ ସ୍ୱତନ୍ତ୍ର ସହାୟକ ଉପକରଣର ବ୍ୟବହାର ଜାଣିବେ ।
- ବିଦ୍ୟାଳୟରେ ପ୍ରତିବନ୍ଧକ ମୁକ୍ତ ପରିବେଶ ପାଇଁ ସ୍ୱତନ୍ତ୍ର ନିୟମଗୁଡ଼ିକୁ ଜାଣିବେ ।

| ପ୍ରକ୍ରିୟା/ ପ୍ରଣାଳୀ | ଆଲୋଚ୍ୟ ବିଷୟ |
|---|---|
| ❒ ସକ୍ରିୟାତ୍ମକ କାର୍ଯ୍ୟ: (ଶିକ୍ଷଣକାର୍ଯ୍ୟ ବ୍ୟାଙ୍କ୍ ଦେଖନ୍ତୁ) ପ୍ରଶ୍ନ ୧ର ଖୋଲା ଆଲୋଚନା । | ୧· ଏହି କାମଟି କେଉଁ କେଉଁ ପର୍ଯ୍ୟାୟରେ କରାଗଲା?<br>କ)ଶିକ୍ଷକ ପ୍ରଥମେ କଳାପଟାରେ ଲେଖୁଥିବା ବେଳେ କେଉଁମାନଙ୍କର ଅସୁବିଧା ହେଉଥିଲା ଓ କାହିଁକି?<br>ଖ) କ'ଣ କରାଯାଇଥିଲେ ସେମାନେ ଲେଖା ହୋଇଥିବା ବିଷୟ ବସ୍ତୁକୁ ଜାଣିପାରି ଥାଆନ୍ତେ?<br>(ଗ) ପ୍ରଶ୍ନ ୭ ପାଇଁ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ସୂଚନାପତ୍ର ଦିଆଯାଇ ପଢିବାପାଇଁ କୁହାଯିବ ଓ ଖୋଲା ଆଲୋଚନା କରାଯିବ । |
| ❒ ପ୍ରଶ୍ନ ୩ (କ) ର ଖୋଲା ଆଲୋଚନା ୩(ଖ)ର ବ୍ୟକ୍ତିଗତ କାର୍ଯ୍ୟ→ଆଲୋଚନା | ୨· ଭିନ୍ନକ୍ଷମ ପିଲାଙ୍କ ପାଇଁ ବ୍ୟବହୃତ ଶିକ୍ଷଣ ଉପକରଣ କିପରି ହେବା ଉଚିତ୍?<br>୩· କ) ଶିକ୍ଷକ କଳପଟାରେ ଲେଖାଥିବା ବିଷୟବସ୍ତୁକୁ ପଢିବା ବେଳେ କେଉଁମାନେ ତାହାକୁ ଦେଖିବାରେ ସମସ୍ୟାର ସମ୍ମୁଖୀନ ହୋଇଥିଲେ?<br>ଖ) ଏହି ସମସ୍ୟାର ସମାଧାନ କିପରି କରାଯାଇପାରିଥାନ୍ତା? |
| ❒ ପ୍ରଶ୍ନ ୪ ର ଖୋଲା ଆଲୋଚନା | ୪· କ) କଳାପଟାରେ ଲେଖିବାପାଇଁ ଡକାଯାଇଥିବା ପ୍ରଥମ ଛାତ୍ର ଠିକଭାବେ କଳାପଟାରେ ଲେଖିପାରିଲେ କି ? କାହିଁକି?<br>ଖ) କି ପଦକ୍ଷେପ ନେଇଥିଲେ ଠିକଣାଭାବେ କଳାପଟାରେ ଲେଖିପାରିଥାନ୍ତେ? |
| ❒ ପ୍ରଶ୍ନ ୫ ପାଇଁ ୬ଟି ଦଳଗଠନ ଗୋଟିଏ ଲେଖାଏଁ ଦଳକୁ (VI, HI, MR, OH, CP, MH) ଉପରେ ଆଲୋଚନା କରି ଦଳଗତ ଉପସ୍ଥାପନା କରିବାକୁ କୁହାଯିବ । | ୫· ଅନ୍ତର୍ନିବେଶୀ ଶ୍ରେଣୀ କକ୍ଷରେ ଶିକ୍ଷାଦାନ ଶିକ୍ଷଣ କାର୍ଯ୍ୟରେ ସମସ୍ତ ପ୍ରକାରର ଭିନ୍ନକ୍ଷମ ପିଲା ଅଂଶଗ୍ରହଣ କରିବା ନିମନ୍ତେ କି କି ପଦକ୍ଷେପ ନିଆଯାଇପାରିବ? |
| ❒ ଖୋଲା ଆଲୋଚନା- | ୬· ଅନ୍ତର୍ନିବେଶୀ ଶ୍ରେଣୀକକ୍ଷରେ ଭିନ୍ନକ୍ଷମ ପିଲାର ବସିବା ସ୍ଥାନ ନିର୍ଣ୍ଣୟ କଲାବେଳେ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦିଆଯିବ?<br>୭· ବିଦ୍ୟାଳୟକୁ ପ୍ରତିବନ୍ଧକମୁକ୍ତ କରିବାପାଇଁ ସାମ୍ବିଧାନିକ ନିୟମ କ'ଣ ସବୁ ଅଛି? |

# ସାଧନକର୍ମୀଙ୍କ ପାଇଁ ସୂଚନା

## ସକ୍ରିୟାତ୍ମକ କାର୍ଯ୍ୟ

ଶ୍ରେଣୀରେ କିଛି ଅଂଶଗ୍ରହଣକାରୀଙ୍କର ଆଖିବନ୍ଧ ଥିବ । ଶିକ୍ଷକ ନୀରବରେ କଳାପଟାରେ କିଛି ସମୟ ପର୍ଯ୍ୟନ୍ତ କିଛି ଲେଖିବେ ।

୧· ତତ୍ପରେ ଆଖିବନ୍ଧଥିବା ଅଂଶଗ୍ରହଣକାରୀଙ୍କୁ କ'ଣ ଅନୁଭବ କଲେ ପଚାରାଯିବ । ଏହାପରେ ଶିକ୍ଷକ ଆଗଧାଡ଼ିକୁ କେବଳ ଶୁଭିବା ଭଳି କଳାପଟାର ଲେଖାକୁ ପଢିବେ ।

୨· ପଛରେ ବସିଥିବା ଜଣେ ଅଂଶଗ୍ରହଣକାରୀଙ୍କୁ ଏହାପରେ କ'ଣ ଶୁଣିଲେ ବୋଲି ପଚାରିବେ?

୩· ଏହାପରେ ଅସୁବିଧାସ୍ଥାନରେ ବସିଥିବା ଜଣେ ଅଂଶଗ୍ରହଣକାରୀଙ୍କୁ ଡାକି କଳାପଟାରେ କିଛି ଲେଖିବାକୁ ଦେବେ (ଯେଦି ସମ୍ଭବ କଳାପଟାର ଉପରିଭାଗରେ ଯେଉଁଠାରେ ହାତ ପାଇବନି, ପୂର୍ବରୁ ତାଙ୍କୁ ଭିନ୍ନକ୍ଷମର ଅଭିନୟର କଥା କୁହାଯାଇଥିବ) । ସାମନାରେ ବସିଥିବା ଜଣେ ଅଂଶଗ୍ରହଣକାରୀଙ୍କୁ ଡାକି କଳାପଟାରେ କିଛି ଲେଖିବାକୁ ଦେବେ ।

ଏହି ସକ୍ରିୟାତ୍ମକ କାର୍ଯ୍ୟରେ ଅଂଶଗ୍ରହଣକାରୀମାନେ ଜାଣିବେ:-

ପ୍ରଥମ ଅଂଶଗ୍ରହଣକାରୀ (ଆଖିବନ୍ଧଥିବା) ଦୃଷ୍ଟିହୀନର ଅନୁଭବ ।

ଦ୍ୱିତୀୟ ଅଂଶଗ୍ରହଣକାରୀ ଠିକଭାବେ ଶୁଣିପାରିନଥିବା ଅନୁଭବ ଶାରୀରିକ ବାଧିତ ପିଲାର ଅନୁଭବ ।

ଚତୁର୍ଥ ଅଂଶଗ୍ରହଣକାରୀ ଜଣେ ସାଧାରଣ ଶିକ୍ଷକ

**ଶ୍ରେଣୀ ସଜ୍ଜୀକରଣ ପାଇଁ ନିମ୍ନମତେ ବସାଇଲେ ସୁବିଧା ହେବ ।**

**ଦୃଷ୍ଟିହୀନ**(Blindness) : ଯେଉଁଠାରେ ବସିଲେ ହେବ - (ଯେକୌଣସି ଧାଡ଼ିର ପ୍ରଥମ ସ୍ଥାନରେ) ଯେଉଁଠାରେ ପର୍ଯ୍ୟାପ୍ତ ସ୍ଥାନ ଥିବ ଓ ବ୍ରେଲ ପୁସ୍ତକ ରଖିବା ଏବଂ ଅନ୍ୟାନ୍ୟ ଉପକରଣ ପାଇଁ ସୁବିଧାଥିବ ।

**ସ୍ୱଳ୍ପ ଦୃଷ୍ଟି**(Low Vision) : ଆଗଧାଡ଼ି, କଳାପଟା ସାମନାରେ ଆଲୋକିତ ସ୍ଥାନରେ କିନ୍ତୁ ସାମନା ଆଲୋକ ମୁହଁରେ ପଡ଼ିନଥିବ ସ୍ଥାନରେ, ଯେଉଁ ଆଖିକି ଭଲ ଦିଶୁଥିବ ସେହି ଆଖି କଳାପଟା ପଟକୁ ରହିବ ।

**ଚେୟାରରେ ବସିଥିବା ପିଲା ଓ ଆଶାବାଡ଼ି ଧରିଥିବା ପିଲା** - (Wheel Chair user) : ପ୍ରବେଶପଥ ନିକଟରେ, ଯେପରି କଳାପଟା ଦିଶୁଥିବ, ଅନ୍ୟ ପିଲାଙ୍କୁ ଯିବାଆସିବାରେ ବା କଳାପଟାକୁ ଦେଖିବାରେ ଅସୁବିଧା ହେଉନଥିବ ।

**ମସ୍ତିଷ୍କ ପକ୍ଷାଘାତ**(C.P). : କବାଟ ପାଖରେ ବା ପ୍ରବେଶପଥ ନିକଟରେ ଧାଡ଼ିର ଶେଷରେ, କାନ୍ଥ କଡ଼ରେ, ଯଥେଷ୍ଟ ସ୍ଥାନଥିବା ଦରକାର । C.P ପିଲାପାଇଁ ପ୍ରଯୁଜ୍ୟ ସ୍ୱତନ୍ତ୍ର ଚଉକିରେ ବସିବ ।

**ଶ୍ରବଣ ବାଧିତ**(H.I.) : ଏପରି ସ୍ଥାନରେ ବସିବ ଯେଉଁଠାରେ ବାହାର କୋଳାହଳ କମ୍ ଆସୁଥିବ, ସେଠାରେ ବିନା ପ୍ରତିବନ୍ଧକରେ ଶିକ୍ଷକ ଓ ଅନ୍ୟ ସାଥୀମାନଙ୍କର ଓଷ୍ଠ ଚାଳନାକୁ ଠିକଭାବେ ଲକ୍ଷ୍ୟ କରିପାରୁଥିବ ।

**ମାନସିକ ଅନଗ୍ରସର**(M.R): କବାଟ ବା ପ୍ରବେଶପଥ ନିକଟରେ ଧାଡ଼ିର ଶେଷରେ, କାନ୍ଥ କଡ଼ରେ । ଯଥେଷ୍ଟ ସ୍ଥାନଥିବା ଦରକାର, ତାର ଭଲ ସାଙ୍ଗ ସହିତ ବସିବାକୁ ସୁବିଧା ଦେବା ।

**ବହୁବିଧ ଅକ୍ଷମତା** (M.D): ଉପରୋକ୍ତ ଅକ୍ଷମତା ଗୁଡ଼ିକ ମଧ୍ୟରୁ ଯେଉଁଟି ପ୍ରଯୁଜ୍ୟ ଥିବ ସେହି ଅନୁସାରେ ବ୍ୟବସ୍ଥା କରାଯିବ ।

**ଅଟିଜିମ୍** (Autism): ଆଗଧାଡ଼ିରେ ଶିକ୍ଷକଙ୍କ ନିକଟରେ, କିନ୍ତୁ M.R. ଓ C.P. ପିଲାଙ୍କଠୁ ଦୂରରେ ।

**ବିଶେଷ୍ୟ ଦ୍ରଷ୍ଟବ୍ୟ: ପିଲାଟି ଯେଉଁ ସ୍ଥାନରେ ବସିଲେ ନିଜେ ଆଶ୍ୱସ୍ତି ଅନୁଭବ କରନ୍ତି, ସେହିଠାରେ ତା'କୁ ବସିବାକୁ** ସୁଯୋଗ ଦିଆଯିବ ।

# ସ୍ୱତନ୍ତ୍ର ସହାୟକ ଉପକରଣର ବ୍ୟବହାର

ଭିନ୍ନକ୍ଷମ ଶିଶୁମାନଙ୍କୁ ସାଧାରଣ ଶିଶୁମାନଙ୍କ ସହିତ ଶିକ୍ଷାଦାନ ଓ ବିଦ୍ୟାଳୟର ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ସମାନ ଭାଗିଦାରୀ ଆଣିବା ପାଇଁ କେତେକ ସହାୟକ ଉପକରଣ ନିହାତି ଅପରିହାର୍ଯ୍ୟ । ଏହି ସହାୟକ ଉପକରଣ ସାହାଯ୍ୟରେ ଭିନ୍ନକ୍ଷମ ପିଲମାମାନେ ସାଧାରଣ ବିଦ୍ୟାଳୟରେ ଅନ୍ୟମାନଙ୍କ ଉଦାହରଣର ସ୍ୱରୂପ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥାନ୍ତି ।

**ଦୃଷ୍ଟିହୀନ ପିଲାମାନଙ୍କ ଚଳପ୍ରଚଳ ପାଇଁ ବ୍ୟବହୃତ ଧଳାବାଡି :-**

ସାଧାରଣତଃ ଦୃଷ୍ଟିହୀନ ପିଲାମାନେ ସେମାନଙ୍କର ଚଳପ୍ରଚଳ ପାଇଁ ଧଳାବାଡ଼ି ବ୍ୟବହାର କରନ୍ତି । ଏହି ଧଳାବାଡ଼ି ସାହାଯ୍ୟରେ ସ୍କୁଲର ପ୍ରତ୍ୟକ ସ୍ଥାନକୁ ସହଜରେ ଓ ନିରାପଦରେ ଚଳପ୍ରଚଳ କରିପାରନ୍ତି ।

Taylor frame, Abacus,Geometry Kit:-

ଦୃଷ୍ଟିବାଧିତ ଶିଶୁମାନଙ୍କୁ ଗଣିତ ଓ ଜ୍ୟାମିତି ପଢାଇବା ସମୟରେ ପାଠକୁ ଶିଖିବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସମ୍ବଳ ଶିକ୍ଷକ (Resource Teacher) ମାନେ Taylor Frame, Abacus ଓ Geometry Kitର ବ୍ୟବହାର କରିଥାନ୍ତି । ଏହି ସବୁ ଉପକରଣର ବ୍ୟବହାର ନିମନ୍ତେ ଦୃଷ୍ଟିବାଧିତ ପିଲା ନିଜର ସ୍ପର୍ଶ ଇନ୍ଦ୍ରିୟ ଉପରେ ବ୍ୟବହାର କରିଥାଏ ।

**ଶ୍ରବଣ ଯନ୍ତ୍ର :-**

ଶ୍ରବଣ ବାଧିତ ଶିଶୁମାନଙ୍କର ଶ୍ରବଣ ଜନିତ ଅସୁବିଧାକୁ ପରୀକ୍ଷା କରାଯାଇ ଉପଯୁକ୍ତ ପ୍ରକାରର ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥାଏ । ଏହାର ଉପଯୁକ୍ତ ବ୍ୟବହାର ସମ୍ବନ୍ଧରେ ପିଲା ଓ ତାର ସାଙ୍ଗସାଥୀ ଓ ପରିବାର ଲୋକଙ୍କୁ ଉପଯୁକ୍ତ ତଥ୍ୟ ଓ ଧାରଣା ଦେବା ଆବଶ୍ୟକ । ଏହି ଶ୍ରବଣ ଯନ୍ତ୍ରରେ ଲାଗିଥିବା (ବ୍ୟାଟେରି) Batteryକୁ ପିତାମାତା, ଶିକ୍ଷକ, ଶିକ୍ଷୟିତ୍ରୀମାନେ ନିୟମିତ ଭାବେ ଯାଞ୍ଚ କରିବା ଆବଶ୍ୟକ ।

**ଶାରୀରିକ ବାଧକତା:-**

ସାଧାରଣତଃ ଅସ୍ଥିଶଲ୍ୟ ବାଧକତା ଯୁକ୍ତ ପିଲାମାନେ ସେମାନଙ୍କର ସ୍କୁଲକୁ ଯିବା ଆସିବା ପାଇଁ ତିନିଚକିଆ ଗାଡ଼ି, ଚକଲଗା ଚଉକି, ଆଶାବାଡ଼ି ଏବଂ Caliper ବ୍ୟବହାର କରନ୍ତି । ଯେଉଁ ପିଲାଙ୍କର କଲମ ଧରିବାରେ ଅସୁବିଧା ରହିଥାଏ, ସେମାନଙ୍କ ପାଇଁ ସ୍ୱତନ୍ତ୍ର କଲମର ଆବଶ୍ୟକ ଥାଏ, ଯେଉଁଥିରେ କଲମର ମୁଠାକୁ ପିଲାର ଆବଶ୍ୟକ ଅନୁଯାୟୀ ପରିବର୍ତ୍ତନ କରାଯାଇଥାଏ ।

# ବିଦ୍ୟାଳୟକୁ ପ୍ରତିବନ୍ଧକ ମୁକ୍ତ କରିବା ପାଇଁ ସାମ୍ବିଧାନିକ ନିୟମ

- ଅକ୍ଷମ ବ୍ୟକ୍ତିମାନଙ୍କ (ସମାନ ସୁଯୋଗ, ଅଧିକାରର ସୁରକ୍ଷା ଓ ସକ୍ରିୟ ଅଂଶ ଗ୍ରହଣ)ଅଧିନିୟମ -୧୯୯୫ ।

**ଅଧ୍ୟାୟ -୩୦**

ପ୍ରତ୍ୟେକ ବିଦ୍ୟାଳୟ, ମହାବିଦ୍ୟାଳୟ, ଧନ୍ଦାମୂଳକ ତାଲିମ୍ କେନ୍ଦ୍ର ଓ ପେଶାମୂଳକ ତାଲିମ୍ କେନ୍ଦ୍ର ଗୁଡ଼ିକରୁ ସମସ୍ତ ପ୍ରକାର ପାରିପାର୍ଶ୍ୱିକ ବାଧାଗୁଡ଼ିକୁ ଉଠାଇବା ଆବଶ୍ୟକ ।

**ଅଧ୍ୟାୟ -୪୬**

ଏହି ଅଧ୍ୟାୟ ଅନୁଯାୟୀ ପ୍ରତ୍ୟେକ ବିଦ୍ୟାଳୟ, ଡ଼ାକ୍ତରଖାନା, ସରକାରୀ ପୁନଃର୍ବାସ କେନ୍ଦ୍ରଗୁଡ଼ିକରେ, ଖସଡ଼ା, ଶୌଚାଳୟକୁ ଚକଲଗା ଚଉକି ଯିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ଦୃଷ୍ଟିଶକ୍ତି ବାଧିତ ବ୍ୟକ୍ତିମାନଙ୍କ ପାଇଁ ବ୍ରେଲରେ ସୂଚନା ଦେବା ଆବଶ୍ୟକ ।

UNCRPD (United Nation Convention on Rights of Persons with Disabilities -2006)

**ଅଧ୍ୟାୟ -୯**

ଏହି ନିୟମ ଅନୁଯାୟୀ ବିଦ୍ୟାଳୟ, ମହାବିଦ୍ୟାଳୟ ସମସ୍ତ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ ଏବଂ ସେମାନଙ୍କର ଭିନ୍ନକ୍ଷମମାନଙ୍କ ପାଇଁ ପାରିପାର୍ଶ୍ୱିକ, ଗମନାଗମନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସମସ୍ତ ପ୍ରକାରରେ ବାଧାମୁକ୍ତ କରିବା ଆବଶ୍ୟକ ।

# ଅନ୍ତର୍ନିବେଶୀ ଶିକ୍ଷାରେ ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ମୂଲ୍ୟାୟନରେ ଉପୁଜୁଥିବା ସମସ୍ୟା ଚିହ୍ନଟ

*ଦ୍ୱିତୀୟ ଦିବସ*
*ତୃତୀୟ ଅଧିବେଶନ*
*ସମୟ – ୧ଘଣ୍ଟା*

**ପ୍ରତ୍ୟାଶିତ ଫଳାଫଳ: ଅଂଶଗ୍ରହଣକାରୀମାନେ**

❑ ଅନ୍ତର୍ନିବେଶୀ ଶିକ୍ଷାରେ ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କୁ ମୂଲ୍ୟାୟନ କରିବା ସମୟ‌ରେ ଶିକ୍ଷକମାନେ ସମ୍ମୁଖୀନ ହେଉଥିବା ଅସୁବିଧାଗୁଡ଼ିକୁ ଚିହ୍ନଟ କରିବେ ।

❑ ବିଦ୍ୟାଳୟରେ ଧାରାବାହିକ ତଥା ସଂବ୍ୟାପକ ମୂଲ୍ୟାୟନ କ୍ଷେତ୍ରରେ ଶିକ୍ଷାର୍ଥୀମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକ ସମ୍ପର୍କରେ ଅବଗତ ହେବେ ।

| ପ୍ରକ୍ରିୟା / ପ୍ରଣାଳୀ | ଆଲୋଚ୍ୟ ବିଷୟ |
|---|---|
| ❑ ସକ୍ରିୟାତ୍ମକ କାର୍ଯ୍ୟ – ଭାବି କହ<br>❑ ୨ ନମ୍ବର ପ୍ରଶ୍ନପାଇଁ ବ୍ୟକ୍ତିଗତ କାର୍ଯ୍ୟ ଖୋଲା ଆଲୋଚନା ଓ ସଂକ୍ଷେପଣ<br>❑ ୬ଟି ଦଳ ଗଠନ ପ୍ରତ୍ୟେକ ଦୁଇଟି ଲେଖାଏଁ ଦଳକୁ ଗୋଟିଏ ପ୍ରକାରର ଭିନ୍ନକ୍ଷମ ଶିକ୍ଷାର୍ଥୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଗୁଡ଼ିକୁ ଦଳରେ ଆଲୋଚନା କରି ଲେଖିବେ<br>ଦଳଗତ କାର୍ଯ୍ୟ-ତାଲିକା ପ୍ରସ୍ତୁତି<br>↓<br>ଉପସ୍ଥାପନା ଓ ଆଲୋଚନା<br>↓<br>ସଂକ୍ଷେପଣ<br>(ସାଧନକର୍ମୀ ପ୍ରତ୍ୟେକ ପ୍ରକାରରୁ ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କର ମୂଲ୍ୟାୟନ କ୍ଷେତ୍ରରେ ଉପୁଯୁକ୍ତଥିବା ସମସ୍ୟାଗୁଡ଼ିକର ତାଲିକା କରି ପ୍ରଶିକ୍ଷଣ ପ୍ରକୋଷ୍ଠରେ ଟାଙ୍ଗିଦେବେ ।<br>ବ୍ୟକ୍ତିଗତ କାର୍ଯ୍ୟ<br>↓<br>ଆଲୋଚନା | ଅଧିବେଶନ ଆରମ୍ଭରେ ଅଂଶଗ୍ରହଣକାରୀଙ୍କୁ ନିଜ ଭାବନାକୁ ପ୍ରକାଶ କରିବା ପାଇଁ ଏକ ପ୍ରଶ୍ନ ନେଇ ତାର ଉତ୍ତର ଆଦାୟ କରାଯିବ । ଏହାପରେ ନିମ୍ନଲିଖିତ ପ୍ରଶ୍ନ ପଚରାଯିବ ।<br>୧· କେଉଁ ଅଂଶଗ୍ରହଣକାରୀଙ୍କ ଭାବନା ଆପଣଙ୍କୁ ପସନ୍ଦ ହେଉଛି ଓ କାହିଁକି ?<br>୨· ଆମ ବିଦ୍ୟାଳୟମାନଙ୍କରେ ସଂବ୍ୟାପକ ଓ ଧାରାବାହିକ ମୂଲ୍ୟାୟନ ପାଇଁ କି କି ବ୍ୟବସ୍ଥା କରାଯାଇଛି?<br>୩· ଧାରାବାହିକ ମୂଲ୍ୟାୟନ ନିମନ୍ତେ କରାଯାଉଥିବା ଏକକ ପରୀକ୍ଷଣ ଓ ବାର୍ଷିକ ପରୀକ୍ଷଣ କରିବା ସମୟରେ ଭିନ୍ନ କ୍ଷମ ପିଲାମାନେ ଓ ଶିକ୍ଷକମାନେ କେଉଁ ସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ?<br>❑ ଦଳ ୧ ଓ ୨ ଦେଖିବାରେ ସମସ୍ୟା ଥିବା ପିଲା<br>❑ ଦଳ ୩ ଓ ୪ ଶୁଣିବାରେ ସମସ୍ୟା ଥିବା ପିଲା<br>❑ ଦଳ ୫ ଓ ୬ ଶାରୀରିକ ସମସ୍ୟା, ବିବିଧ ଅକ୍ଷମତା ଯୁକ୍ତ ଓ ମାନସିକ ଅନଗ୍ରସର ପିଲାଙ୍କ ସମସ୍ୟା |

| ପ୍ରକ୍ରିୟା / ପ୍ରଣାଳୀ | ଆଲୋଚ୍ୟ ବିଷୟ |
|---|---|
| | ୪· ଶ୍ରେଣୀକକ୍ଷରେ ଶିକ୍ଷାଦାନ- ଶିକ୍ଷଣ କାର୍ଯ୍ୟ ଚାଲିଥିବା ସମୟରେ ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କୁ ମୂଲ୍ୟାୟନ କରିବାରେ କେଉଁ ସବୁ ସମସ୍ୟା ଦେଖାଦେଇଥାଏ?<br>୫· ବିଭିନ୍ନ ପ୍ରକାରର ଭିନ୍ନକ୍ଷମ ପିଲାମାନଙ୍କର ସହ ବୌଦ୍ଧିକ ଦିଗର ମୂଲ୍ୟାୟନ କ୍ଷେତ୍ରରେ ଆପଣ କେଉଁ ସବୁ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି ?<br>୬· ଏହି ଅଧିବେଶନର ଆଲୋଚନାରୁ ଆମେ କଣ ଜାଣିଲେ? |

## ସାଧନକର୍ମୀଙ୍କ ପାଇଁ ସୂଚନା

**ସକ୍ରିୟାତ୍ମକ କାର୍ଯ୍ୟ ଭାବି କୁହନ୍ତୁ:**

ପ୍ରତ୍ୟକ୍ଷ ଅଂଶଗ୍ରହଣକାରୀଙ୍କୁ ଖଣ୍ଡିଏ ଲେଖାଏଁ ୫" X ୭" ଆକାରର କାଗଜ ଦିଆଯିବ । ସେହି କାଗଜରେ ନିମ୍ନ ଅସଂପୂର୍ଣ୍ଣ ଉକ୍ତିଟି ଲେଖାଥିବ । 'ପ୍ରତ୍ୟେକ ଅଂଶ ଗ୍ରହଣକାରୀ ସେହି ଅସଂପୂର୍ଣ୍ଣ ଉକ୍ତିଟିକୁ ସଂପୂର୍ଣ୍ଣ କରିବେ । ଆମ ଘରେ ଜଣଙ୍କୁ ଜ୍ୱର ହେଲେ ମୁଁ ------------------------------------------------ ।

ପ୍ରତ୍ୟେକ ଅଂଶଗ୍ରହଣକାରୀ ଲେଖିଥିବା ସମାଧାନର ପଛାକୁ ପଢିବେ । (ଅତି ବେଶୀରେ ୮/୧୦ ଜଣଙ୍କର ଲେଖା ଉପସ୍ଥାପନ କରାଯାଇପାରେ) ତାପରେ ପ୍ରଶ୍ନ ନଂ ୧ର ଖୋଲା ଆଲୋଚନା କରାଯିବ ।

# ସାଧନକର୍ମୀଙ୍କ ନିମନ୍ତେ ଅତିରିକ୍ତ ସୂଚନା

ପିଲାମାନଙ୍କର ମୂଲ୍ୟାୟନ ସମୟରେ ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀମାନେ ବିଭିନ୍ନ ପ୍ରକାରର ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଏହି ସମସ୍ୟାଗୁଡ଼ିକ ଯୋଗୁଁ ଅଧିକାଂଶ ଭିନ୍ନକ୍ଷମ ପିଲାମାନେ ପରୀକ୍ଷା / ପରୀକ୍ଷଣରେ ଅଂଶଗ୍ରହଣ କରିନଥାନ୍ତି ଓ ଅନ୍ୟ ପିଲାମାନେ ଠିକ୍ ଭାବେ ସମସ୍ତ ପ୍ରଶ୍ନର ଦେଇପାରନ୍ତି ନାହିଁ । ଫଳରେ ସେମାନଙ୍କର ଶିକ୍ଷଣ ଅଗ୍ରଗତି ବାଧାପ୍ରାପ୍ତ ହୋଇଥାଏ । ମୂଲ୍ୟାୟନ ହେଉଛି ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟାର ଅବିଚ୍ଛେଦ୍ୟ ଅଙ୍ଗ । 'ପିଲା କଣ ଶିଖିଛି ଓ କେତେଦୂର ଶିଖିଛି' - କେବଳ ଏହା ଜାଣିବା ନିମନ୍ତେ ମୂଲ୍ୟାୟନକୁ ବ୍ୟବହାର କରାନଯାଇ ବରଂ ପିଲାର ଶିକ୍ଷଣ ଅଗ୍ରଗତିରେ ଏହାକୁ କିପରି ଫଳପ୍ରଦଭାବେ ବ୍ୟବହାର କରାଯାଇ ପାରିବ ତାହା ହେଉଛି ମୂଲ୍ୟାୟନର ଉଦ୍ଦେଶ୍ୟ । ଭିନ୍ନକ୍ଷମ ପିଲାଙ୍କ ନିମନ୍ତେ ଏହି ଉକ୍ତି ମଧ୍ୟ ପ୍ରଯୁଜ୍ୟ । ମୂଲ୍ୟାୟନକୁ ଭିନ୍ନକ୍ଷମ ପିଲାମାନଙ୍କର ଶିକ୍ଷଣ ଅଗ୍ରଗତି ନିମନ୍ତେ ଏକ ସାଧନ ଭାବେ ବ୍ୟବହାର କରାଯାଇ ପାରିଲେ, ସେମାନଙ୍କର ମନୋବଳ ବୃଦ୍ଧି ପାଇବ ଓ ସେମାନେ ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ । ମୂଲ୍ୟାୟନ ପ୍ରକ୍ରିୟା ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କୁ ସଫଳତାର ଅନୁଭବ ଦେଇପାରିଲେ ସେମାନେ ଅଧିକ ଶିଖିବାକୁ ଆଗ୍ରହୀ ହେବ । ଅର୍ଥାତ୍ ସାଧାରଣ ଶିକ୍ଷାର୍ଥୀ ହୁଅନ୍ତୁ ବା ଭିନ୍ନକ୍ଷମ ଶିକ୍ଷାର୍ଥୀ ହୁଅନ୍ତୁ ମୂଲ୍ୟାୟନ ସମସ୍ତଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଅନ୍ତର୍ନିବେଶୀ ଶିକ୍ଷା ପରିପ୍ରେକ୍ଷୀରେ ଭିନ୍ନକ୍ଷମ ପିଲାମାନଙ୍କର ମୂଲ୍ୟାୟନରେ ଉପୁଜୁଥିବା ସମସ୍ୟାଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକର ସମାଧାନ କରାଯାଇ ପାରିଲେ, ଶିକ୍ଷକ ପିଲାଙ୍କ ଶିକ୍ଷଣରେ ସହାୟକ ଭାବେ କାର୍ଯ୍ୟ କରିପାରିବେ ।

**ଭିନ୍ନକ୍ଷମ ପିଲାମାନଙ୍କର ମୂଲ୍ୟାୟନ ବେଳେ ଦେଖାଯାଉଥିବା କେତେକ ପ୍ରମୁଖ ସମସ୍ୟା**

- ପରୀକ୍ଷାରେ ଅକୃତକାର୍ଯ୍ୟ ହେବାର ଆଶଙ୍କା ହେତୁ ପରୀକ୍ଷା ଦେବା ପାଇଁ ଇଚ୍ଛା ପ୍ରକାଶ ନକରିବା
- ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମସ୍ତ ପ୍ରଶ୍ନର ଉତ୍ତର ଦେଇ ନପାରିବା ।
- ପ୍ରଶ୍ନର ସୂଚନା ବୁଝି ଉତ୍ତର ନଦେବା ।
- ପରୀକ୍ଷା ପ୍ରଣାଳୀ ସହ ଭିନ୍ନକ୍ଷମ ପିଲା ଖାପଖୁଆଇ ନପାରିବା ।
- ଭିନ୍ନକ୍ଷମ ପିଲାର ବେଗ କମ୍ ହେତୁ ନିଜକୁ ହୀନମନ୍ୟ ଭାବିବା ଇତ୍ୟାଦି........

**ଦୃଷ୍ଟିହୀନ ପିଲା**

- ପ୍ରଶ୍ନ ପଢିପାରୁ ନଥିବାରୁ ପରୀକ୍ଷା ଦେଉ ନାହାନ୍ତି
- ପିଲା ଓ ଶିକ୍ଷକ ବ୍ରେଲ ଶିଖି ନାହାନ୍ତି, ଯଦ୍ୱାରା ଶିକ୍ଷକ ବ୍ରେଲରେ ପ୍ରଶ୍ନପତ୍ର ପସ୍ତୁତ କରିପାରୁନାହାନ୍ତି ଓ ପିଲାମାନେ ବ୍ରେଲରେ ଉତ୍ତର ଲେଖୁନାହାନ୍ତି ।
- ଦୃଷ୍ଟିବାଧିତ ପିଲା ପାଇଁ ଅନ୍ୟ ଜଣେ ପିଲା ଲେଖିବା ନିମନ୍ତେ କୌଣସି ସରକାରୀ ନିର୍ଦ୍ଦେଶ ନାହିଁ
- ପ୍ରଶ୍ନଗୁଡ଼ିକୁ ଉପଯୁକ୍ତ ଭାବେ ବଦଳାଇବାର କ୍ଷମତା ଶିକ୍ଷକଙ୍କର ନାହିଁ
- ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମସ୍ତ ପ୍ରଶ୍ନର ମୌଖିକ ପରୀକ୍ଷଣ କରାଯାଇ ପାରିବ ନାହିଁ । ମୌଖିକ ପରୀକ୍ଷଣରେ ମଧ୍ୟ ଶିକ୍ଷାର୍ଥୀର ସମସ୍ତ ଦିଗର ମୂଲ୍ୟାୟନ କରିହେବ ନାହିଁ
- କାର୍ଯ୍ୟଭିତ୍ତିକ ପ୍ରଶ୍ନଗୁଡ଼ିକର ଉତ୍ତର ଦୃଷ୍ଟିବାଧିତ ପିଲା ଦେଇପାରୁନଥିବାରୁ ସେହି ପ୍ରଶ୍ନପାଇଁ ନମ୍ବର ପାଉନାହାନ୍ତି । ଅର୍ଥାତ୍ ଶିକ୍ଷାର୍ଥୀର ନମ୍ବରକୁ ଅନ୍ୟ ଶିକ୍ଷାର୍ଥୀଙ୍କ ନମ୍ବର ସହ ତୁଳନା କରି ହେଉ ନାହିଁ ।
- ଦୀର୍ଘ ଉତ୍ତରମୂଳକ ପ୍ରଶ୍ନଗୁଡ଼ିକର ଉତ୍ତର ମୌଖିକ ଭାବରେ ଦେଲେ ମଧ୍ୟ ମୂଲ୍ୟାୟନରେ ସମସ୍ୟା ହେଉଛି ।

**ଶିକ୍ଷକଙ୍କ ସମ୍ବନ୍ଧୀୟ ସମସ୍ୟା**

ଅନ୍ତର୍ନିବେଶୀ ଶିକ୍ଷାରେ ଭିନ୍ନ କ୍ଷମ ଶିକ୍ଷାର୍ଥୀଙ୍କୁ ମୂଲ୍ୟାୟନ କରିବାରେ ଶିକ୍ଷକମାନେ ନିମ୍ନଲିଖିତ ସମ୍ଭାବ୍ୟ ସମସ୍ୟାର ସମ୍ମୁଖୀନ ହୋଇ ପାରନ୍ତି ।

- ପ୍ରଶ୍ନପତ୍ରକୁ ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କ ଆବଶ୍ୟକ ଅନୁଯାୟୀ ପରିବର୍ତ୍ତନ କରିବାରେ ।
- ଭିନ୍ନକ୍ଷମ ବିଦ୍ୟାର୍ଥୀର ମୂଲ୍ୟାୟନ ନିମନ୍ତେ ପ୍ରଶ୍ନ ପ୍ରସ୍ତୁତ କରିବାରେ ।
- ସମୟ ଅଭାବ ଜନିତ ସମସ୍ୟା ।
- ଶିକ୍ଷଣ ସହାୟକ ଉପକରଣ (ଯଥା - ଟେଲର ଫ୍ରେମ, ଆବାକାସ)ର ବ୍ୟବହାର ଜନିତ ଅସୁବିଧା ।
- ମୂଲ୍ୟାୟନଜନିତ ଉପଯୁକ୍ତ ନିର୍ଦ୍ଦେଶନାମାର ଅଭାବ ।
- ଭିନ୍ନକ୍ଷମ ଶିକ୍ଷାର୍ଥୀର ମୂଲ୍ୟାୟନ ଜନିତ ସଚେତନତା ଏବଂ ଦକ୍ଷତା ଅଭାବ ।

**ସ୍ୱଳ୍ପ ଦୃଷ୍ଟି ସଂପନ୍ନ ପିଲାର ସମସ୍ୟା**

- ପ୍ରଶ୍ନପତ୍ରରେ ଥିବା କୋଠରି ବାକ୍ସ ମଧ୍ୟରେ ଲେଖିବାରେ ଅସୁବିଧା
- ପ୍ରଶ୍ନପତ୍ରରେ ଛୋଟ ଅକ୍ଷରରେ ମୁଦ୍ରିତ ଲେଖା ପଢିବାରେ ଅସୁବିଧା
- ରଙ୍ଗ କରିବାରେ / ବିନ୍ଦୁ ସଂଯୋଗ କରିବା ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ଦେବାରେ ।
- ମାନଚିତ୍ର ଅଙ୍କନ, ପଠନ ଓ ଚିହ୍ନଟୀକରଣ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ଲେଖିବାରେ ଅସୁବିଧା
- ନିର୍ଦ୍ଦିଷ୍ଟ ସ୍ଥାନ ମଧ୍ୟରେ ସଂପୂର୍ଣ୍ଣ ଉତ୍ତର ଲେଖିବାରେ ଅସଫଳ
- ନିର୍ଦ୍ଧିଷ୍ଟ ସମୟ ଅବଧି ମଧ୍ୟରେ ସଂପୂର୍ଣ୍ଣ ଉତ୍ତର ଲେଖିବାରେ ଅସୁବିଧା ।

**ଦୃଷ୍ଟିବାଧିତ ପିଲାର ସମସ୍ୟା**

- କାଳି ମୁଦ୍ରିତ ପ୍ରଶ୍ନପତ୍ର ପଢିବାରେ ଅସୁବିଧା ।
- କଳାପଟାରେ ଲିଖିତ ପ୍ରଶ୍ନୋତ୍ତରକୁ ପଢ଼ିବାରେ / ଲେଖିବାରେ ଅସୁବିଧା
- ମୌଖିକ ପ୍ରଶ୍ନକୁ ସାଧାରଣ ବର୍ଗର ଛାତ୍ରପରି ଲେଖିବାରେ ଅସୁବିଧା
- ଉପଯୁକ୍ତ ବସିବା ସ୍ଥାନାଭାବରୁ ଲେଖିବାରେ ଅସୁବିଧା ।
- ଉପଯୁକ୍ତ ଆଲୋକ ଅଭାବରେ ଲେଖିବାରେ ଅସୁବିଧା
- ରଙ୍ଗ ଚିହ୍ନିବାରେ ଅସୁବିଧା
- ସଂପୂର୍ଣ୍ଣ ଦୃଷ୍ଟିହୀନ କଳାପଟା / ଛପାଯାଇଥିବା ଲେଖା ପଢ଼ିପାରନ୍ତି ନାହିଁ ଏବଂ ଲେଖିପାରନ୍ତି ନାହିଁ ।

**ଶ୍ରବଣ ବାଧିତ ପିଲାମାନଙ୍କର ସମସ୍ୟା**

- ମୌଖିକ ପ୍ରଶ୍ନ ବୁଝିବା ଓ ଉତ୍ତର କହିବାରେ ଅସୁବିଧା ।
- ପ୍ରଶ୍ନରେ ଥିବା ନିର୍ଦ୍ଦେଶକୁ ବୁଝିବାରେ ଅସୁବିଧା
- ପ୍ରଶ୍ନକୁ ଶୁଣିବାରେ ଓ ଲେଖିବାରେ ଅସୁବିଧା ।
- ଉତ୍ତରକୁ ପୂର୍ଣ୍ଣବାକ୍ୟରେ ଲେଖିବାରେ ଅସୁବିଧା ।
- ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମସ୍ତ ପ୍ରଶ୍ନର ଉତ୍ତର ଦେବାରେ ଅସୁବିଧ ।
- ଶବ୍ଦର ବିଭିନ୍ନ ପ୍ରକାର ଅର୍ଥ ବୁଝିବାରେ ଅସୁବିଧା ।
- ଚିନ୍ତା ଓ ପ୍ରତ୍ୟାଶାମୂଳକ ପ୍ରଶ୍ନକୁ ବୁଝିବାରେ ଅସୁବିଧା ।

**ମାନସିକ ଅନଗ୍ରସର ପିଲାର ସମସ୍ୟା**

- ପ୍ରଶ୍ନକୁ ବୁଝିବାରେ ଅସୁବିଧା ।
- ଉତ୍ତରକୁ ସଂପୂର୍ଣ୍ଣଭାବରେ ବ୍ୟକ୍ତ କରିବାରେ ଅସୁବିଧ ।
- ଅକ୍ଷର ମଧ୍ୟରେ ତାଳମେଳ ରହିବା (ବଡ଼ ସାନ କରି ଲେଖିବା)
- ଉଦ୍ଦିଷ୍ଟ ସମୟ ମଧ୍ୟରେ ସଂପୂର୍ଣ୍ଣ ଉତ୍ତର ଲେଖିବାରେ ଅସୁବିଧା ।
- ମୌଖିକ ଉତ୍ତରକୁ ପୂର୍ଣ୍ଣବାକ୍ୟରେ ପ୍ରକାଶ କରିବାରେ ଅସୁବିଧା ।
- କଳାପଟାରେ ଲିଖିତ ପ୍ରଶ୍ନକୁ ପଢି ଏବଂ ବୁଝି ଉତ୍ତର ଦେବାରେ ଅସୁବିଧା ।
- ପ୍ରଶ୍ନପତ୍ରରେ ଥିବା ନିର୍ଦ୍ଦେଶକୁ ବୁଝିବାରେ ଅସୁବିଧା
- ପୁନଃ ସ୍ମରଣ କରିବାରେ ଅସୁବିଧା ।

**ମସ୍ତିଷ୍କ ପକ୍ଷାଘାତ ପିଲାମାନଙ୍କର ସମସ୍ୟା –**

- ମୌଖିକ ପ୍ରଶ୍ନକୁ ଠିକ୍ ଭାବେ ବୁଝିପାରୁଥିଲେ ମଧ୍ୟ ନିଜର ବକ୍ତବ୍ୟକୁ ଠିକ୍ ଭାବରେ ପ୍ରକାଶ କରିପାରନ୍ତି ନାହିଁ ।
- ହସ୍ତ ଓ ମସ୍ତିଷ୍କର ସମନ୍ୱୟର ଅଭାବ ହେତୁ ଲେଖିବାରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ।
- ନିରୂପିତ ସମୟ ମଧ୍ୟରେ ସମସ୍ତ ପ୍ରଶ୍ନର ସଂପୂର୍ଣ୍ଣ ଉତ୍ତର ଦେବାରେ ଅସୁବିଧା ।
- ବସିବା ସ୍ଥାନରେ ଅସୁବିଧା ହେତୁ ଲେଖିବାରେ ଅସୁବିଧା
- ପ୍ରଶ୍ନରେ ଦିଆଯାଇଥିବା ଉତ୍ତର ବାକ୍ସ ମଧ୍ୟରେ ଉତ୍ତର ଲେଖିବାରେ ଅସୁବିଧା ।

# ଅଂଶଗ୍ରହଣକାରୀଙ୍କ ସନ୍ଦେହ ମୋଚନ

*ଦ୍ୱିତୀୟ ଦିବସ*
*ଚତୁର୍ଥ ଅଧିବେଶନ*
*ସମୟ - ୧ଘଣ୍ଟା ୧୫ ମିନିଟ୍*

**ପ୍ରତ୍ୟାଶିତ ଫଳାଫଳ**

- ଭିନ୍ନକ୍ଷମ ମାନଙ୍କର ଶିକ୍ଷା ସମ୍ପର୍କୀତ କୌଣସି ଅସୁବିଧା / ସମସ୍ୟା ବା ସନ୍ଦେହକୁ ଅଂଶଗ୍ରହଣକାରୀମାନେ ପ୍ରକାଶ କରିପାରିବେ ଓ ସେ ସମ୍ପର୍କରେ ଉପଯୁକ୍ତ ଧାରଣା ଆହରଣ କରିବେ ।

| ପ୍ରକ୍ରିୟା / ପ୍ରଣାଳୀ | ଆଲୋଚ୍ୟ ବିଷୟ |
|---|---|
| ଖୋଲା ଆଲୋଚନା<br>❐ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ପ୍ରାକ୍- ପ୍ରଶିକ୍ଷଣ ପ୍ରଶ୍ନପତ୍ରକୁ ଦେଖିବାକୁ ଦିଆଯିବ । ସେଥିରେ ସେମାନେ ଯେଉଁ ଯେଉଁ ପ୍ରଶ୍ନର ଉତ୍ତର ଠିକ୍ ଭାବେ ଲେଖିନଥିବେ, ସାଧନକର୍ମୀ ଠିକ୍ ଉତ୍ତର ଲେଖିଥିବେ ।<br>❐ ପ୍ରତ୍ୟେକ ପ୍ରଶ୍ନର ଖୋଲା ଆଲୋଚନା ହେବ ।<br>❐ ସମସ୍ତପ୍ରଶ୍ନର ଆଲୋଚନା ପରେ ଅଂଶଗ୍ରହଣକାରୀଙ୍କ ଠାରୁ ପ୍ରଶ୍ନ ପତ୍ରକୁ ସାଧନକର୍ମୀ ନେଇଯିବେ ଓ ୪ ଜଣିଆ ଦଳ ଗଠନ କରି ଦଳରେ ପ୍ରତ୍ୟେକ ପ୍ରଶ୍ନର ଠିକ୍ ଉତ୍ତର ଲେଖିବାକୁ କୁହାଯିବ । | ❐ ଏହି ପ୍ରଶିକ୍ଷଣର ପ୍ରଥମ ଦିନର ପ୍ରଥମ ଅଧିବେଶନରେ ପ୍ରାକ୍-ପ୍ରଶିକ୍ଷଣ ମୂଲ୍ୟାୟନ କାର୍ଯ୍ୟରେ ଅଂଶଗ୍ରହଣକାରୀମାନେ ଲେଖିଥିବା ଉତ୍ତର ଖାତାକୁ ପୂର୍ବରୁ ସମସ୍ତ ସାଧନକର୍ମୀ ବିଶ୍ଳେଷଣ କରିଥିବେ ।<br>ସେଥିରେ ଥିବା ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଏହି ଅଧିବେଶନରେ ଆଲୋଚନା କରାଯିବ ।<br>❐ ୧ ନଂ ରୁ ୬ ନଂ ପ୍ରଶ୍ନର ଆଲୋଚନା କରାଯିବ ।<br>ଏହି ଆଲୋଚନାରେ ମୁଖ୍ୟତଃ ନିମ୍ନଲିଖିତ ଦିଗ ପ୍ରତି ଧ୍ୟାନ ଦିଆଯିବ ।<br>❐ Impairment - Handicap ଓ disability ମଧ୍ୟରେ ଥିବା ମୌଳିକ ଭିନ୍ନତା / ପାର୍ଥକ୍ୟ<br>Handicap ହେଉଛି disabilityର social Implication aspect । ଏହାର ମାତ୍ରା / ପରିମାଣ / ଫଳାଫଳକୁ କମ୍ କରିବା ନିମନ୍ତେ ବିଦ୍ୟାଳୟ / ଶିକ୍ଷକ / ସାଙ୍ଗସାଥୀ/ ପରିବାର ସଦସ୍ୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ।<br>❐ ବିଭିନ୍ନ ପ୍ରକାରର ଭିନ୍ନକ୍ଷମ ପିଲାଙ୍କର ଲକ୍ଷଣ<br>❐ ଅନ୍ତର୍ନିବେଶୀ ଶିକ୍ଷାର ଅର୍ଥ ଓ ସ୍ୱରୂପ । |

# ଅନ୍ତର୍ନିବେଶୀ ଶିକ୍ଷାରେ ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ମୂଲ୍ୟାୟନ କୌଶଳ

*ଦ୍ୱିତୀୟ ଦିବସ*
*ପ୍ରଥମ ଅଧିବେଶନ*
*ସମୟ - ୧ଘଣ୍ଟା ୧୫ ମିନିଟ୍*

**ପ୍ରତ୍ୟାଶିତ ଫଳାଫଳ:**

- ଅଂଶଗ୍ରହଣକାରୀମାନେ ଅନ୍ତର୍ନିବେଶୀ ଶିକ୍ଷାରେ ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କର (ଦେଖିବାରେ ଓ ଶୁଣିବାରେ ସମସ୍ୟା ଥିବା ପିଲାମାନଙ୍କ) ଧାରାବାହିକ ଓ ସଂବ୍ୟାପକ ମୂଲ୍ୟାୟନର କୌଶଳଗୁଡ଼ିକୁ ଜାଣିବେ ।
- ସାଧାରଣ ବିଦ୍ୟାଳୟରେ ମୂଲ୍ୟାୟନରେ ପିଲାଙ୍କୁ ସଂପୃକ୍ତି କରିବାରେ ଉପାୟଗୁଡ଼ିକୁ ଉପଲବ୍ଧ କରିବେ ।

| ପ୍ରକ୍ରିୟା / ପ୍ରଣାଳୀ | ଆଲୋଚ୍ୟ ବିଷୟ |
|---|---|
| ❑ ସକ୍ରିୟାତ୍ମକ କାର୍ଯ୍ୟ ଆଲୋଚନା<br>❑ ପ୍ରଶ୍ନ ୧ ପାଇଁ ୬ଟି ଦଳ ଗଠନ<br>ପ୍ରତ୍ୟେକ ଦଳରେ ଗତ ବାର୍ଷିକ ପରୀକ୍ଷାର ଯେକୌଣସି ଗୋଟିଏ ବିଷୟର ପ୍ରଶ୍ନପତ୍ର ଦିଆଯିବ । ତାହାକୁ ଅନୁଧ୍ୟାନକରି ପ୍ରଶ୍ନ ୧ର ଉତ୍ତର ଆଲୋଚନା କରି ଉପସ୍ଥାପନ କରିବେ । ତିନୋଟି ଦଳ ଦୃଷ୍ଟିହୀନ ପିଲା ଓ ତିନୋଟି ଦଳ ଶ୍ରବଣ ଅକ୍ଷମ ପିଲାଙ୍କ ଦୃଷ୍ଟିକୋଣରୁ ଆଲୋଚନା କରିବେ ।<br>❑ ପ୍ରଶ୍ନ ୩ ଓ ୪ ପାଇଁ ପୂର୍ବ ଦଳମାନଙ୍କରେ କାର୍ଯ୍ୟହେବ । ଦଳ ୧, ୨ ଓ ୩ - ଦୃଷ୍ଟିହୀନ ଶିକ୍ଷାର୍ଥୀମାନଙ୍କ ସମ୍ବନ୍ଧରେ<br>ଦଳ ୪ , ୫ ଓ ୬ - ଶ୍ରବଣ ସମସ୍ୟା ଥିବା ପିଲାମାନଙ୍କ ସମ୍ବନ୍ଧରେ | ୧.(କ) କେଉଁ କେଉଁ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇପାରିବେ ନାହିଁ ବା ଦେବାରେ ଅସୁବିଧାର ସମ୍ମୁଖୀନ ହେବେ?<br>(ଖ) କେଉଁ କେଉଁ କୌଶଳ ଅବଲମ୍ବନ କଲେ ଦୃଷ୍ଟିହୀନ ଶିକ୍ଷାର୍ଥୀମାନେ ଏହି ପ୍ରଶ୍ନପତ୍ରରେ ଥିବା ସମସ୍ତ ପ୍ରଶ୍ନର ଉତ୍ତର ଦେଇପାରିବେ?<br>୨.(କ) କେଉଁ କେଉଁ ପ୍ରଶ୍ନର ଉତ୍ତର କରିବାରେ ଶ୍ରବଣ ଅକ୍ଷମ ପିଲମାନେ ସମସ୍ୟାର ସମ୍ମୁଖୀନ ହେବେ? କାହିଁକି?<br>(ଖ) କେଉଁ କେଉଁ କୌଶଳ ଅବଲମ୍ବନ କଲେ ଶ୍ରବଣବାଧିତ ପିଲା ଏହି ପ୍ରଶ୍ନପତ୍ରରେ ଥିବା ସମସ୍ତ ପ୍ରଶ୍ନର ଉତ୍ତର ଦେଇପାରିବେ?<br>୩. ଦୃଷ୍ଟିହୀନ ପିଲାମାନଙ୍କର ଉତ୍ତର ଖାତା ମୂଲ୍ୟାୟନ କରିବା ସମୟରେ କେଉଁ କେଉଁ ଦିଗ ପ୍ରତି ଦୃଷ୍ଟି ଦିଆଯିବ?<br>୪. ଶ୍ରବଣ ସମସ୍ୟା ଥିବା ପିଲାମାନଙ୍କର ଉତ୍ତର ଖାତା ମୂଲ୍ୟାଙ୍କନ କରିବା ସମୟରେ କେଉଁ କେଉଁ ଦିଗ ପ୍ରତି ଦୃଷ୍ଟି ଦିଆଯିବ?<br>୫. ଏହି ଅଧିବେଶନରେ ଆଲୋଚନାରୁ ଆମେ କ'ଣ ଜାଣିଲେ? |

ସାମଗ୍ରୀ : ଦଳଗତ କାର୍ଯ୍ୟନିମନ୍ତେ କାଗଜ, ପ୍ରଶ୍ନପତ୍ର, ସ୍କେଚପେନ୍, ଦଳର ସଂଖ୍ୟା ଅନୁଯାୟୀ (୪ର୍ଥ ସାମାଜିକ ଓ ୫ମ ସାହିତ୍ୟର ପ୍ରଶ୍ନପତ୍ର)

# ମୂଲ୍ୟାୟନ କୌଶଳ ସମ୍ପର୍କରେ ସାଧନକର୍ମୀଙ୍କ ପାଇଁ ସହାୟକ ଫର୍ଦ୍ଦ

## (ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କ ନିମନ୍ତେ ମୂଲ୍ୟାଙ୍କନ କୌଶଳ)

- ଭିନ୍ନକ୍ଷମ ପିଲାର ଆବଶ୍ୟକତା ଅନୁଯାୟୀ ପରୀକ୍ଷାରେ ଅଧିକ ସମୟ ପ୍ରଦାନ କରାଯାଇ ପାରେ । ପିଲାର ଆବଶ୍ୟକତା ଥିଲେ ମୂଲ୍ୟାୟନ ମଧ୍ୟରେ ଅଳ୍ପ ସମୟ ପାଇଁ ବିରତି ଦିଆଯାଇପାରେ ।
- ଆବଶ୍ୟକତା ଅନୁଯାୟୀ ଶିକ୍ଷା ଉପକରଣ ବ୍ୟବହାର ପାଇଁ ସୁଯୋଗ ପ୍ରଦାନ (ସ୍ୱତନ୍ତ୍ର ପେନ୍, ପେନସିଲ୍, କାଲକୁଲେଟର, ବ୍ରେଲର୍, କମ୍ୟୁନିକେସନ୍ ବୋର୍ଡ, ଆବାକସ୍, ଟେଲର୍-ଫ୍ରେମ୍, ବ୍ରେଲ ସ୍ଲେଟ୍ ଇତ୍ୟାଦି)
- ସ୍ୱଳ୍ପ ଭାଷା ଜ୍ଞାନ ଥିବା ପିଲାମାନଙ୍କ ନିମନ୍ତେ ମୂଲ୍ୟାୟନ ସମୟରେ ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ପରିବର୍ତ୍ତେ ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ଦିଆଯିବ ।
- ପିଲାମାନଙ୍କଠାରୁ ଉତ୍ତର ଆଶା କରାଯାଉଥିବା ବିଷୟଗୁଡ଼ିକରେ ସେମାନଙ୍କ ପାଇଁ ସୁଯୋଗ ପ୍ରଦାନ କରାଯିବ ।(ଉଦାହରଣ ସ୍ୱରୂପ - ଲେଖାବଦଳରେ ମୌଖିକ ଉତ୍ତର, ଟେପ୍ ରେକଡ଼ିଙ୍ଗ ମଧ୍ୟ କରାଯାଇ ପାରିବ) କିମ୍ବା ମୌଖିକ ଭାବରେ ଅଥବା ଉତ୍ତର ଲେଖାଳୀ (writer) ସାହାଯ୍ୟରେ ଦିଆଯିବ ।
- ଆବଶ୍ୟକ ସ୍ଥଳେ ସୂଚନା ଏବଂ ପ୍ରଶ୍ନଗୁଡ଼ିକୁ ପଢ଼ିଦିଆଯିବ ।
- ପ୍ରଶ୍ନପତ୍ରକୁ ବ୍ରେଲ ଲିପିରେ କରାଯାଇପାରିବ ବା ଅକ୍ଷରର ଆକାର ପିଲାର ଆବଶ୍ୟକତା ଅନୁଯାୟୀ ପରିବର୍ଦ୍ଧନ କରାଯିବ ।
- ଯଦି ଆବଶ୍ୟକ ହୁଏ, ପିଲାଟି ପାଇଁ ସ୍ୱତନ୍ତ୍ର ଚୌକି, ଟେବୁଲ ଏବଂ ଅଲଗା କୋଠରୀ ଯୋଗାଇ ଦିଆଯାଇ ପାରିବ ।
- କ୍ରମାଗତ-ଭାବେ ଅସୁସ୍ଥ ରହୁଥିବା ପିଲାଙ୍କ ମୂଲ୍ୟାୟନ ନିମନ୍ତେ ଅଧିକ ସମୟ ଦିଆଯାଇପାରେ ।
- ଭାଷାଜ୍ଞାନ ଆୟତ୍ତ କରିବାରେ ସମସ୍ୟା ଥିବା ପିଲାମାନଙ୍କୁ ତ୍ରିଭାଷିକ ସୂତ୍ରରୁ (3-Language Formula) ଛାଡ଼ କରାଯାଇପାରେ । ଅତିରିକ୍ତ ଭାଷା ଭାବରେ ସାଇନ୍ ଲାଙ୍ଗୁଏଜ୍ ଏକ ବିକଳ୍ପ ଭାବରେ ନିଆଯାଇପାରେ ।

**ଦୃଷ୍ଟିହୀନ ପିଲାଙ୍କ ପାଇଁ**

- ପ୍ରଶ୍ନପତ୍ର ବ୍ରେଲରେ ହୋଇଥିବା ଆବଶ୍ୟକ ଅଥବା ଦୃଷ୍ଟିହୀନ ପରୀକ୍ଷାର୍ଥୀଙ୍କୁ ଲେଖିବାରେ / ପ୍ରଶ୍ନ ପତ୍ର ପଢ଼ିବା ପାଇଁ ସାହାଯ୍ୟ କରିବାରେ ଲେଖାଳୀ (writer)ର ବ୍ୟବସ୍ଥା ।
- ପରୀକ୍ଷାର୍ଥୀର ମୌଖିକ ଉତ୍ତରକୁ ଭିତ୍ତିକରି ମୂଲ୍ୟାୟନ କରାଯିବ । ସମସ୍ତ ଉତ୍ତର ପ୍ରଦାନ କରିବା ପାଇଁ ଅଧିକ ସମୟ ପ୍ରଦାନ କରାଯିବ ।
- ଲେଖାଳୀ (Writer / Scribe)ଦ୍ୱାରା ଉତ୍ତର ଲେଖାଯାଉଥିଲେ ଲେଖାରେ ତ୍ରୁଟି ପାଇଁ କମ୍ ନମ୍ବର ଦେବାରୁ ବିରତ ରହିବା ।
- ସ୍ୱଳ୍ପ ଦୃଷ୍ଟିଶକ୍ତି ସମ୍ପନ୍ନ ପିଲା (Low vision child) ପାଇଁ large printରେ ପ୍ରଶ୍ନପତ୍ର ପ୍ରସ୍ତୁତ କରିବା ।
- ସ୍ୱଳ୍ପ ଦୃଷ୍ଟିଶକ୍ତି ସମ୍ପନ୍ନ ପିଲାକୁ Felt Pen ବ୍ୟବହାର କରିବାକୁ ସୁଯୋଗ ଦେବା ।
- ଲେଖାଳୀ ଦ୍ୱାରା ପରୀକ୍ଷା ହେଉଥିଲେ ସେମାନଙ୍କୁ ଅଲଗା ସ୍ଥାନରେ ବସାଇବାରେ ବ୍ୟବସ୍ଥା କରିବା ବିଶେଷ କରି ଅଲଗା କୋଠରିର ବ୍ୟବସ୍ଥା (କୋଳାହଳରୁ ଦୂରେଇବା ପାଇଁ) ।

- ଚିତ୍ରାଙ୍କନ/ ଛବି ଅଙ୍କନ ପରିବର୍ତ୍ତେ ଆଲଗା ପ୍ରଶ୍ନର ବ୍ୟବସ୍ଥା ।
- ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନକୁ ଗୁରୁତ୍ୱ ଦେବା ।
- ଦୀର୍ଘ ଉତ୍ତରମୂଳକ ପ୍ରଶ୍ନର ଉତ୍ତର ଯଦି ପିଲାଟି ବ୍ରେଲରେ ପ୍ରଦାନ କରୁଥାଏ ସେଠାରେ ମୁଖ୍ୟ ଧାରଣା(Point)କୁ ଆଧାର କର ମୂଲ୍ୟାଙ୍କନର ବ୍ୟବସ୍ଥା ।
- ସମସ୍ତ ଶିକ୍ଷଣ ସହାୟକ ଉପକରଣର ଉପଯୋଗ ପାଇଁ ସୁଯୋଗ ପ୍ରଦାନ ।

**ଶ୍ରବଣବାଧିତ ପିଲାଙ୍କ ପାଇଁ ବ୍ୟବସ୍ଥା :-**

- ପ୍ରଶ୍ନପତ୍ରରେ ସରଳ ଭାଷାର ବ୍ୟବହାର ।
- ଉତ୍ତର ଖାତାରେ ଭାଷା ଓ ବ୍ୟାକରଣଗତ ତ୍ରୁଟି ପାଇଁ କମ୍ ନମ୍ବର ଦେବାରୁ ବିରତ ରହିବା ।
- ମୌଖିକ ପ୍ରଶ୍ନର ଉତ୍ତରକୁ ଲିଖିତ ଉତ୍ତରରେ ପରିବର୍ତ୍ତନ କରିବା ।
- ମୂଲ୍ୟାଙ୍କନ ସମୟରେ ଦିଆଯାଉଥିବା ମୌଖିକ ନିର୍ଦ୍ଦେଶକୁ ଲିଖିତ ଭାବରେ କଳାପଟାରେ ପ୍ରଦର୍ଶନ କରିବା ।
- ଆବଶ୍ୟକ ସ୍ଥଳେ ମୂଲ୍ୟାଙ୍କନ ସମୟରେ ଅଧିକ ସମୟ ପ୍ରଦାନ ।

# ଅନ୍ତର୍ନିବେଶୀ ଶିକ୍ଷାରେ ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ମୂଲ୍ୟାୟନ କୌଶଳ

*ତୃତୀୟ ଦିବସ*
*ଦ୍ୱିତୀୟ ଅଧିବେଶନ*
*ସମୟ - ୧ଘଣ୍ଟା ୧୫ ମିନିଟ୍*

**ପ୍ରତ୍ୟାଶିତ ଫଳାଫଳ:**

- ଅଂଶଗ୍ରହଣକାରୀମାନେ ଅନ୍ତର୍ନିବେଶୀ ଶିକ୍ଷାରେ ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କର (ଚଳନ ବାଧିତ, ମସ୍ତିଷ୍କ ପକ୍ଷାଘାତ, Autistic, ମାନସିକ ଅନଗ୍ରସର) ମୂଲ୍ୟାୟନର କୌଶଳ ଗୁଡ଼ିକୁ ଜାଣିବେ ।

| ପ୍ରକ୍ରିୟା / ପ୍ରଣାଳୀ | ଆଲୋଚ୍ୟ ବିଷୟ |
|---|---|
| □ ପ୍ରଶ୍ନର ଖୋଲା ଆଲୋଚନା<br>□ ପ୍ରଶ୍ନ ୨ ଓ ୩ ପାଇଁ ୬ଟି ଦଳଗଠନ, ପ୍ରତ୍ୟେକ ୩ଟି ଦଳକୁ ଗୋଟିଏ ପ୍ରକାରର ଭିନ୍ନକ୍ଷମ ପିଲାଙ୍କ ସମ୍ବନ୍ଧୀୟ ଆଲୋଚନା କରିବାକୁ କୁହାଯାଏ ।<br>□ ୧ମ, ୨ୟ, ଓ ୩ୟ ଗୋଟିଏ ଶ୍ରେଣୀର ନିର୍ଦ୍ଦିଷ୍ଟ ବିଷୟର ପ୍ରଶ୍ନପତ୍ର ପ୍ରଦାନ କରି ମାନସିକ ଅନଗ୍ରସର ପିଲା ଓ ଦଳ ୪,୫,୬କୁ ଅନ୍ୟ ଏକ ଶ୍ରେଣୀର ଆଉ ଗୋଟିଏ ବିଷୟର ପ୍ରଶ୍ନପତ୍ର ଦେଇ ପ୍ରଶ୍ନ ୨ ଓ ପ୍ରଶ୍ନ ୩ର ଉତ୍ତର ଆଲୋଚନାକରି ଦଳଗତ ବିବରଣୀ ପ୍ରସ୍ତୁତ କରିବା ପାଇଁ କୁହାଯିବ ।<br>ଦଳଗତ କାର୍ଯ୍ୟ<br>↓<br>ଉପସ୍ଥାପନା<br>↓<br>ଆଲୋଚନା<br>↓<br>ସଂକ୍ଷେପଣ<br>□ ପ୍ରଶ୍ନ ୪ ପାଇଁ ଖୋଲା ଆଲୋଚନା<br>□ ୫ ନମ୍ବର ପ୍ରଶ୍ନ ପାଇଁ ବ୍ୟକ୍ତିଗତ କାର୍ଯ୍ୟ ଓ ଆଲୋଚନା<br>□ ୬ ନମ୍ବର ପ୍ରଶ୍ନର ଖୋଲା ଆଲୋଚନା | ୧(କ) ଚଳନ ବାଧିତ ପିଲାମାନଙ୍କର ମୂଲ୍ୟାୟନରେ କେଉଁ ସବୁ ସମସ୍ୟା ଥିବାର ଆମେ ଜାଣିଥିଲେ?<br>(ଖ) ସେମାନଙ୍କର ମୂଲ୍ୟାୟନ ବେଳେ କେଉଁ କେଉଁ ଦିଗ ପ୍ରତି ଧ୍ୟାନ ଦିଆଯିବ?<br>୨· (ଦଳ ୧,୨,୩ ପାଇଁ) କେଉଁ କୌଶଳ ଅବଲମ୍ବନ କଲେ ମାନସିକ ଅନଗ୍ରସର ପିଲା ଏହି ପ୍ରଶ୍ନ ପତ୍ରରେ ଥିବା ସମସ୍ତ ପ୍ରଶ୍ନର ଉତ୍ତର ଦେଇ ପାରିବେ?<br>୩· (ଦଳ, ୪,୫,୬, ପାଇଁ) କେଉଁ କେଉଁ କୌଶଳ ଅବଲମ୍ବନ କଲେ ମସ୍ତିଷ୍କ ପକ୍ଷାଘାତ ପିଲା ଏହି ପ୍ରଶ୍ନପତ୍ରରେ ଥିବା ସମସ୍ତ ପ୍ରଶ୍ନର ଉତ୍ତର ଦେଇ ପାରିବେ?<br>୪· ମସ୍ତିଷ୍କ ପକ୍ଷାଘାତ ଓ Autism ପିଲାମାନଙ୍କର ଉତ୍ତରଖାତା ମୂଲ୍ୟାୟନ କରିବା ସମୟରେ ଶିକ୍ଷକ କେଉଁ କେଉଁ ଦିଗ ପ୍ରତି ଦୃଷ୍ଟି ଦେବେ?<br>୫· ଶ୍ରେଣୀ କକ୍ଷରେ ଶିକ୍ଷାଦାନ -ଶିକ୍ଷଣ କାର୍ଯ୍ୟ ପରିଚାଳନା ସମୟରେ ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ମୂଲ୍ୟାୟନ ବେଳେ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼ିବ?<br>୬· ଏହି ଅଧିବେଶନର ଆଲୋଚନାରୁ ଆମେ କଣ ଜାଣିଲେ? |

ସାମଗ୍ରୀ - ପ୍ରଶ୍ନପତ୍ର (ତୃତୀୟ - ସାହିତ୍ୟ, ୫ମ ଶ୍ରେଣୀ ବିଜ୍ଞାନ, ସାମାଜିକ) ଦଳର ସଂଖ୍ୟା ଅନୁଯାୟୀ ଯୋଗାଇ ଦିଆଯିବ ।

# ସାନଧକର୍ମୀଙ୍କ ପାଇଁ ଅତିରିକ୍ତ ସୂଚନା

## ଶାରୀରିକ ବାଧିତ ପିଲାମାନଙ୍କ ନିମନ୍ତେ ମୂଲ୍ୟାଙ୍କନ କୌଶଳ:-

- ମୂଲ୍ୟାୟନ / ପରୀକ୍ଷା  କରାଯାଉଥିବା ପ୍ରକୋଷ୍ଠ ମଧ୍ୟକୁ ପିଲାଟି ଯେପରି ସ୍ୱଚ୍ଛନ୍ଦରେ ଆସିପାରିବ ସେ ସମ୍ବନ୍ଧରେ ନିଶ୍ଚିତ ହୁଅନ୍ତୁ ।
- ପିଲାଟିର ହାତରେ ଯଦି କିଛି ସମସ୍ୟା ଥାଏ, ତେବେ ପିଲାର ଆବଶ୍ୟକତା ଅନୁସାରେ ଲେଖିବା ପାଇଁ ଅଧିକ ସମୟ ଦିଆଯିବ ଉଚିତ୍ । ଅଥବା, ଏହାର ବିକଳ୍ପ ଭାବରେ ଅଳ୍ପ ସଂଖ୍ୟକ ପ୍ରଶ୍ନ କିମ୍ବା ଏକ ଲେଖାଳୀ (writer) ଦିଆଯାଇପାରେ ।

## ବହୁବିଧ ବାଧିତ ପିଲାମାନଙ୍କ ପାଇଁ

- ବହୁବିଧ ଅକ୍ଷମତାଯୁକ୍ତ ପିଲାମାନଙ୍କ ନିମନ୍ତେ ଅଧିକ ସମୟ ଦିଆଯିବ ।
- ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଆସବାବପତ୍ର (Furniture) ଯୋଗାଇ ଦିଆଯିବ ।
- ସେମାନଙ୍କ ନିମନ୍ତେ ଯଥେଷ୍ଟ ସ୍ଥାନର ବନ୍ଦୋବସ୍ତ କରାଯିବ ।
- ଯଦି ପିଲାଟି ଆବଶ୍ୟକ କରେ, ତେବେ ତା'ପାଇଁ ଏକ ଲେଖାଳୀ (writer or scribe)ର ବନ୍ଦୋବସ୍ତ କରାଯିବ ।
- ପିଲାର ଆବଶ୍ୟକତା ଅନୁଯାୟୀ ପ୍ରଶ୍ନପତ୍ରରେ ପରିବର୍ତ୍ତନ କରାଯିବା ଉଚିତ୍ ।
- ବହୁବିଧ ଅକ୍ଷମତା ଯୁକ୍ତ କେତେକ ପିଲା ଅଧିକ ସୂଚନା ଆବଶ୍ୟକ କରିଥାଆନ୍ତି । ପରୀକ୍ଷା ସମୟରେ ଏଥି ନିମନ୍ତେ ବ୍ୟବସ୍ଥା କରିବା ଆବଶ୍ୟକ ।

## ମାନସିକ ଅନଗ୍ରସର ପିଲାମାନଙ୍କ ପାଇଁ ମୂଲ୍ୟାୟନ କୌଶଳ:-

- ପ୍ରଶ୍ନପତ୍ରରେ ବ୍ୟବହୃତ ହୋଇଥିବା ଭାଷା ସରଳ ହେବା ଉଚିତ୍ ।
- ମାନସିକ ଅନଗ୍ରସର ପିଲାମାନଙ୍କର ବୋଧ ଶକ୍ତିକୁ ନେଇ ପ୍ରଶ୍ନପତ୍ର ପ୍ରସ୍ତୁତ ହେବା ଉଚିତ୍ ।
- ପ୍ରଶ୍ନଗୁଡ଼ିକର ଉତ୍ତର ଦେବାପାଇଁ ନିର୍ଦ୍ଦିଷ୍ଟ ସମୟକୁ ବଢାଯିବା ଉଚିତ୍ ଏବଂ ଦରକାର ପଡ଼ିଲେ ନିର୍ଦ୍ଦିଷ୍ଟ ସମୟ ଅବଧି ଭିତରେ ବିରତି ପ୍ରଦାନ କରାଯିବା ଉଚିତ୍ ।
- ମୂଲ୍ୟାଙ୍କନ ସମୟରେ ଆବଶ୍ୟକତା ଅନୁଯାୟୀ ଉପଯୁକ୍ତ ଶିକ୍ଷଣ ସାମଗ୍ରୀର ବ୍ୟବହାର କରିବା ପାଇଁ ଶିକ୍ଷକ କୋହଳ ମନୋଭାବ ପୋଷଣ କରିବା ଉଚିତ୍  ।  ଯଥା – Concrete Materials, Flash Cards, Visual aidsର ବ୍ୟବହାର ଇତ୍ୟାଦି)
- ମୂଲ୍ୟାୟନ ସମୟରେ ପିଲାମାନଙ୍କୁ Punctuation, Spelling, Grammatical error ପାଇଁ ଦଣ୍ଡିତ କରିବା ଉଚିତ୍ ନୁହେଁ । କିନ୍ତୁ ଭୁଲ କେଉଁଠି କରିଛି ତାକୁ ଅବଗତ କରାଇବେ ।
- ଆବଶ୍ୟକ ସ୍ଥଳେ ପିଲାଟିକୁ ଅଳ୍ପସଂଖ୍ୟକ ପ୍ରଶ୍ନ ଦେଇ ମୂଲ୍ୟାୟନ କରିବା ଉଚିତ୍ ।
- ପ୍ରଶ୍ନଗୁଡ଼ିକ ସଂକ୍ଷିପ୍ତ, ଚିତ୍ରଭିତ୍ତିକ ଏବଂ ବହୁବିଧ ପସନ୍ଦ/ ବିକଳ୍ପ ବିଶିଷ୍ଟ ହେବା ଦରକାର ।

**ମସ୍ତିଷ୍କ ପକ୍ଷାଘାତ ପିଲାମାନଙ୍କ ପାଇଁ**

- ଆବଶ୍ୟକ ସ୍ଥଳେ ଉତ୍ତର ପ୍ରଦାନ ପାଇଁ ଲେଖାଳୀର (Scribe) ବ୍ୟବସ୍ଥା
- ଅଙ୍କନ ଓ ମାନଚିତ୍ର ପରିବର୍ତ୍ତେ ଅନ୍ୟ ପ୍ରଶ୍ନର ବ୍ୟବସ୍ଥା
- ପିଲାର ଆବଶ୍ୟକତାକୁ ନେଇ ତା'ର ବସିବାର ଉପଯୁକ୍ତ ବ୍ୟବସ୍ଥା ।
- ଲିଖନ ସହାୟକ ଉପକରଣ ଯଥା (Pencil grips) ବ୍ୟବହାର ପାଇଁ ସୁଯୋଗ ପ୍ରଦାନ ।
- ଉତ୍ତର କାଗଜଟି ଅଧିକ ମୋଟା ହୋଇଥିବା ଆବଶ୍ୟକ ସାଧାରଣତଃ ସେମାନେ ଲେଖିବା ସମୟରେ ଅଧିକ ବଳପ୍ରୟୋଗ କରିଥାନ୍ତି ।
- ସ୍ୱତନ୍ତ୍ର କୋଠରୀର ବ୍ୟବସ୍ଥା (ଆବଶ୍ୟକ ସ୍ଥଳେ)
- ମୂଲ୍ୟାୟନ ସ୍ଥଳକୁ ଯିବା ପାଇଁ ପ୍ରତିବନ୍ଧକ ମୁକ୍ତ ବ୍ୟବସ୍ଥା ।
- ଶାରୀରିକ ଅବସ୍ଥାକୁ ଦୃଷ୍ଟିରେ ରଖି ପିଲାର ବସିବା ଏବଂ ଲେଖିବା ପାଇଁ ଉପଯୋଗୀ Chair ଓ tableର ବ୍ୟବସ୍ଥା କରିବେ ।
- ଉପଲବ୍ଧ ସ୍ଥଳେ ଆଧୁନିକ ପ୍ରଯୁକ୍ତିବିଦ୍ୟା (ଯଥା :- Computer ଏବଂ voice Synthesizer) ବ୍ୟବହାର କରିବା ।

# ଅନ୍ତର୍ନିବେଶୀ ବିଦ୍ୟାଳୟର ପରିକଳ୍ପନା

*ତୃତୀୟ ଦିବସ*
*ତୃତୀୟ ଅଧିବେଶନ*
*ସମୟ- ୧ଘଣ୍ଟା ୧୫ମିନିଟ୍*

**ପ୍ରତ୍ୟାଶିତ ଫଳାଫଳ:**

ଅଂଶଗ୍ରହଣକାରୀ ମାନେ - ଏକ ଅନ୍ତର୍ନିବେଶୀ ବିଦ୍ୟାଳୟର ସୂଚକଗୁଡ଼ିକୁ ନିର୍ଣ୍ଣୟ କରିପାରିବେ,

- ❑ ଅନ୍ତର୍ନିବେଶୀ ବିଦ୍ୟାଳୟରେ ଶିକ୍ଷଣ - ସାଧାରଣ ଶିକ୍ଷାର୍ଥୀ-ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ମଧ୍ୟରେ ସମ୍ପର୍କର ଗୁରୁତ୍ୱକୁ ଉପଲବ୍ଧି କରିବେ ।

| ପ୍ରକ୍ରିୟା/ ପ୍ରଣାଳୀ | ଆଲୋଚ୍ୟ ବିଷୟ |
|---|---|
| ❑ ସକ୍ରିୟାତ୍ମକ କାର୍ଯ୍ୟ ସମ୍ପାଦନା ପରେ ୧ ନମ୍ବର ପ୍ରଶ୍ନର ଖୋଲା ଆଲୋଚନା<br>❑ ଅଂଶଗ୍ରହଣକାରୀମାନଙ୍କୁ ୬ଟି ଦଳରେ ବିଭକ୍ତ କରାଯିବ ।<br>❑ ଗୋଟିଏ ଲେଖାଏଁ ଦଳକୁ ପ୍ରଶ୍ନ ୨ ରୁ ୭ ପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ପ୍ରଶ୍ନ ଦିଆଯିବ ।<br>ଦଳଗତ ଆଲୋଚନା<br>↓<br>ଉପସ୍ଥାପନ<br>↓<br>ସଂକ୍ଷେପଣ<br>❑ ପ୍ରଶ୍ନ ୮ର ବ୍ୟକ୍ତିଗତ କାର୍ଯ୍ୟ → ଆଲୋଚନା | ❑ ସକ୍ରିୟାତ୍ମକ କାର୍ଯ୍ୟ<br>୧· ଏହି କାର୍ଯ୍ୟଟି ଆପଣଙ୍କୁ କିପରି ଲାଗିଲା ? କାହିଁକି?<br>୨· ଅନ୍ତର୍ନିବେଶୀ ବିଦ୍ୟାଳୟର ଭୌତିକ ପରିବେଶ କିପରି ହେବ?<br>୩· ଅନ୍ତର୍ନିବେଶୀ ବିଦ୍ୟାଳୟରେ ଶିକ୍ଷାଦାନ-ଶିକ୍ଷଣ କାର୍ଯ୍ୟର ରୂପରେଖ କିପରି ହେବ?<br>୪· ଅନ୍ତର୍ନିବେଶୀ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ପିଲମାନଙ୍କର ଭୂମିକା କ'ଣ ହେବ?<br>୫· ଅନ୍ତର୍ନିବେଶୀ ବିଦ୍ୟାଳୟରେ ଭିନ୍ନକ୍ଷମ ପିଲମାନଙ୍କୁ ସାମିଲ କରିବା ପାଇଁ କି କି ବ୍ୟବସ୍ଥା ଗ୍ରହଣ କରାଯାଇଥିବ?<br>୬· ଅନ୍ତର୍ନିବେଶୀ ବିଦ୍ୟାଳୟରେ ଭିନ୍ନକ୍ଷମ ପିଲମାନଙ୍କର ସାମାଜିକ ବିକାଶ ପାଇଁ ବିଦ୍ୟାଳୟରେ କି କି କାର୍ଯ୍ୟ କରାଯାଉଥିବ?<br>୭· ଭିନ୍ନକ୍ଷମ ପିଲାମାନଙ୍କୁ ବ୍ୟକ୍ତିଗତ ସହାୟତା ଓ ସେମାନଙ୍କର ମନୋବଳ ବୃଦ୍ଧି କରିବା ପାଇଁ ବିଦ୍ୟାଳୟରେ କି କି କାର୍ଯ୍ୟ କରାହେଉଥିବ?<br>୮· ଏହି ସବୁ କାର୍ଯ୍ୟ ପାଇଁ ଶିକ୍ଷକ - ସାଧାରଣ ଶିକ୍ଷାର୍ଥୀ ଓ ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ମଧ୍ୟରେ କେଉଁ ପ୍ରକାର ସମ୍ପର୍କ ରହିବା ଉଚିତ୍? ଏଥିପାଇଁ କ'ଣ କରାଯାଇପାରିବ? |

# ପ୍ରଶିକ୍ଷଣ ସଂପର୍କୀୟ ମତାମତ

ତୃତୀୟ ଦିବସ
ଚତୁର୍ଥ ଅଧିବେଶନ

Feed Back Sheet

୧. ସମନ୍ୱିତ ଶିକ୍ଷା ଓ ଅନ୍ତଃର୍ନିବେଶୀ ଶିକ୍ଷା ପଦ୍ଧତି ଦ୍ୱୟ ମଧ୍ୟରୁ କେଉଁଟି ଅଧିକ ଫଳପ୍ରଦ ଓ କାହିଁକି?

୨. ପିଲାର ଲକ୍ଷଣରୁ ଚିହ୍ନଟୀକରଣ କରିବା ପରେ ଶିକ୍ଷକ ସେହି ଲକ୍ଷଣଗୁଡ଼ିକୁ କିପରି ବ୍ୟବହାର କରିପାରିବେ?

୩. ସମସ୍ତଙ୍କ ପାଇଁ ପ୍ରତିବନ୍ଧକ ମୁକ୍ତ ପରିବେଶ କହିଲେ କ'ଣ ବୁଝ?

୪. କେଉଁ କେଉଁ ସୁବିଧା ସୁଯୋଗ ଥିଲେ ଆପଣଙ୍କ ବିଦ୍ୟାଳୟଟି ପ୍ରତିବନ୍ଧକ ମୁକ୍ତ ହୋଇପାରିବ?

୫. ଭିନ୍ନକ୍ଷମ ପିଲମାନଙ୍କ ନିରାପତ୍ତା ପାଇଁ ବିଦ୍ୟାଳୟରେ କି କି ବ୍ୟବସ୍ଥା କରିବା ଆବଶ୍ୟକ?

୬. ଅନ୍ତର୍ନିବେଶୀ ଶିକ୍ଷାର ସଫଳତା କେଉଁ କେଉଁ ବ୍ୟକ୍ତିମାନଙ୍କ ସକାରାତ୍ମକ ମନୋଭାବ ଉପରେ ନିର୍ଭର କରିଥାଏ?

କ

ଖ

ଗ

ଘ

୭. ଶିକ୍ଷକ ଶ୍ରେଣୀ ଗୃହରେ ନିମ୍ନଲିଖିତ ଭିନ୍ନକ୍ଷମ ପିଲାଙ୍କୁ କେଉଁଠାରେ ବସିବା ପାଇଁ ସୁଯୋଗ ଦେବେ ?

ସମ୍ପୂର୍ଣ୍ଣ ଦୃଷ୍ଟି ବାଧିତ

ସ୍ୱଳ୍ପ ଦୃଷ୍ଟି ବାଧିତ

ଶ୍ରବଣ ବାଧିତ

ମାନସିକ ଅନଗ୍ରସର

ମସ୍ତିଷ୍କ ପକଷାପାତ

୮. ଆପଣ ଶ୍ରେଣୀରେ ଏକକ ପରୀକ୍ଷଣ ପାଇଁ ଗୋଟିଏ ପ୍ରଶ୍ନପତ୍ର ତିଆରି କରିବେ । ଜଣେ ସ୍ୱଳ୍ପ ଦୃଷ୍ଟି ବାଧିତ ପିଲାପାଇଁ ଏହି ପ୍ରଶ୍ନପତ୍ର ତିଆରି କଲାବେଳେ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେବେ?

ଅଂଶଗ୍ରହଣକାରୀ ଶିକ୍ଷକଙ୍କ ନାମ:____________________

ପଦବୀ :____________________

ବିଦ୍ୟାଳୟର ସମ୍ପୂର୍ଣ୍ଣ ଠିକଣା :____________________

ଫୋନ୍ ନଂ :____________________

# Integration and now Inclusive Education!

| Come, but you change, I won't. | Welcome! I change to respond to you all |
| --- | --- |
|  |  |

# ବିଭିନ୍ନ ପ୍ରକାର ଅକ୍ଷମତା ଥିବା ପିଲାଙ୍କର ଚିହ୍ନଟୀକରଣ ନିର୍ଦ୍ଦେଶିକା

**ବାକ୍‌ଶକ୍ତି ଅକ୍ଷମତା(Speech Impaired)**

- ପିଲାଟିର ମୁଖଗହ୍ୱରରେ ଦୃଷ୍ଟି ଗୋଚର ହେଉଥିବା କୌଣସି ବିକୃତି ପରିଲକ୍ଷିତ ହେଉଛି କି?
- ପିଲାଟି କଥା କହୁଥିବା ବେଳେ ଅସ୍ୱାଭାବିକ ଭାବରେ ବାରମ୍ବାର ଅଟକିଯାଏ କି?
- କଥା କହିଲା ବେଳେ ପିଲାଟି 'ଶବ୍ଦ' ବା ଖଣ୍ଡବାକ୍ୟର ଧ୍ୱନିକୁ ଛାଡି ଦେଇଥାଏ କି?
- ପିଲାଟି ଅନେକ ସମୟରେ ଖନେଇ ଖନେଇ କଥା କହିଥାଏ କି?
- ଶିକ୍ଷକଙ୍କର ବାରମ୍ବାର ଚେଷ୍ଟା ସତ୍ତ୍ୱେ ପିଲାଟିର ବହୁତ ସମୟରେ ଉଚ୍ଚାରଣରେ ଅଶୁଦ୍ଧତା ରହିଥାଏ କି?
- ପିଲାଟିର କଥିତ ଭାଷା ବୁଝିବାରେ ଆମକୁ କଷ୍ଟ ଜଣାପଡ଼େ କି?

**ସ୍ୱଳ୍ପ ଦୃଷ୍ଟି ସମ୍ପନ୍ନ (Low Vision)**

- ମୁଖମଣ୍ଡଳର ପରିପ୍ରକାଶ ଓ ବିଭିନ୍ନ କ୍ରିୟାକଳାପ (action)କୁ ଚିହ୍ନିବାରେ ସମସ୍ୟାର ସମ୍ମୁଖୀନ ହୋଇଥାଏ ।
- ଅଳ୍ପ ଅନ୍ଧାରିଆ ସ୍ଥାନମାନଙ୍କରେ ପିଲାର ଚଳପ୍ରଚଳ ବାଧାପ୍ରାପ୍ତ ହୋଇଥାଏ ।
- ପରିବେଶର ଆଲୋକରେ ଭିନ୍ନତା ପିଲାକୁ ଅସୁବିଧାରେ ପକାଇଥାଏ ।
- ବଡ଼ ଅକ୍ଷରେ (ଛପା ଫର୍ଦ୍ଦ) ଲେଖାଥିବା ଅକ୍ଷର/ ପୁସ୍ତକ ପଢିବାରେ ପିଲା ଆଶ୍ୱସ୍ତି ଅନୁଭବ କରେ ।
- ପିଲାଠାରୁ ୧୪ ଇଞ୍ଚ ଦୂରତାରେ ଥିବା ବସ୍ତୁ ପାଖରେ ପିଲା ପହଞ୍ଚି ପାରେ ନାହିଁ ।
- କୌଣସି ବସ୍ତୁର ଦ୍ୱି-ମାତ୍ରିକ (2D) ଉପସ୍ଥାପନାକୁ ପିଲା ବୁଝିବାରେ ଅସୁବିଧାର ସମ୍ମୁଖୀନ ହୋଇଥାଏ ।
- ଆଖିଡୋଳାର ଅନିୟମିତ ଗତିଶୀଳତା ଯୋଗୁ ପିଲାଟି ଗୋଟିଏ ବସ୍ତୁ ଉପରେ ଦୃଷ୍ଟି କେନ୍ଦ୍ରିଭୂତ କରିପାରେ ନାହିଁ ।
- ପିଲାଟି ମନରେ କୌଣସି ବସ୍ତୁର ଛାୟା ଓ ସେହି ବସ୍ତୁ ମଧ୍ୟରେ ଭ୍ରମ ସୃଷ୍ଟି ହୋଇଥାଏ ।
- ଶ୍ରେଣୀର ପ୍ରଥମ ଧାଡିରେ ବସିଥିଲେ କି କଳାପଟାର ଲେଖାକୁ ପଢିବାରେ ପିଲାଟି ଅସୁବିଧାର ସମ୍ମୁଖୀନ ହୁଏ ।
- ପଢିବା ସମୟରେ ବହିକୁ ଆଖିର ଖୁବ୍ ନିକଟକୁ ବା ଖୁବ୍ ଦୂରକୁ ନେଇଥାଏ ।
- ଆଂଶିକ ଦୃଷ୍ଟି ଯୋଗୁଁ ପିଲାଟି ଧାଡି ଓ ଶବ୍ଦମାନଙ୍କ ମଧ୍ୟରେ ନିର୍ଦ୍ଦିଷ୍ଟ ଦୂରତା/ ସ୍ଥାନ ରଖିପାରେ ନାହିଁ ।
- ୪/୫ ମିଟର ବା ତା'ଠାରୁ ଅଧିକ ଦୂରତାରେ ଥିବା ଜିନିଷ/ ବ୍ୟକ୍ତି ବିଶେଷକୁ ଚିହ୍ନିବାରେ ଅସୁବିଧାର ସମ୍ମୁଖୀନ ହୋଇଥାଏ ।
- ଗୋଟିଏ ଗତିଶୀଳ ବସ୍ତୁକୁ ପିଛା କରିବାରେ ଅସୁବିଧା ହୋଇଥାଏ ।
- ବସ୍ତୁର ରଙ୍ଗକୁ ଚିହ୍ନିବାରେ ଓ ମେଳ କରିବାରେ ସମର୍ଥ ହୋଇନଥାଏ ।
- ସଂଖ୍ୟା, ଚିହ୍ନ ଓ ସଂରଚନାକୁ ଚିହ୍ନିବାରେ ପିଲାଟି ସମସ୍ୟାର ସମ୍ମୁଖୀନ ହୋଇଥାଏ ।

**ଶାରୀରିକ ଅକ୍ଷମତା (Orthopedic Impaired)**

- ନିମ୍ନଲିଖିତ ଅଙ୍ଗର ଗଢ଼ଣରେ କୌଣସି ବିକୃତି ପରିଲକ୍ଷିତ ହୁଏ କି?

କ) ବେକ ଖ) ହାତ ଗ) ଆଙ୍ଗୁଠି ଘ) ଅଣ୍ଟା ଙ) ଗୋଡ଼

- ନିମ୍ନଲିଖିତ କାମ କରିବାରେ କଷ୍ଟ ଅନୁଭବ କରେ କି?

କ) ବସିବାରେ ଖ) ଠିଆ ହେବାରେ ଗ) ଚାଲିବାରେ

- କଷ୍ଟ ଅନୁଭବ କରେ କି?

କ) ଜିନିଷ ଉଠାଇବାରେ ଖ) ଜିନିଷ ଧରିବାରେ ଗ) ଜିନିଷ ତଳେ ରଖିବାରେ

- କୃତ୍ରିମ ଅଙ୍ଗ ବ୍ୟବହାର କରିଥାଏ

ହେବା ।

- ଶବ୍ଦଗୁଡିକ ମଧ୍ୟରେ ଉପଯୁକ୍ତ ଦୂରତା ତଥା ସିଧା ଧାଡିରେ ଲେଖିବାରେ ସମସ୍ୟା ସମ୍ମୁଖୀନ ହେବା ।
- ପଢିବା ଓ ଲେଖିବା ସମୟରେ ଉପଯୁକ୍ତ ବିରାମ ଚିହ୍ନର ବ୍ୟବହାରକୁ ବୁଝିବାରେ ଅସୁବିଧା ହେବା ।
- ଧାରା ଗଣିତକୁ ବୁଝିବା ସଂଖ୍ୟା ଓ ବାକ୍ୟ ମଧ୍ୟରେ ଥିବା ସଂପର୍କକୁ ବୁଝିବାରେ ସମସ୍ୟା ଦେଖା ହେବା ।
- କୌଣସି ଗପ, ଅନୁଛେଦ ଓ ଘଟଣାର ବର୍ଣ୍ଣନାରୁ ତତ୍ ସଂପର୍କୀୟ ପ୍ରଶ୍ନର ଉତ୍ତର ଲେଖିବା ବେଳେ, ଉତ୍ତର ବାଛିବା ବେଳେ ସମସ୍ୟାର ସମ୍ମୁଖୀନ ହେବା ।
- ଧାରାବାହିକ ସୂଚନା ଦିଆଯିବା ସତ୍ତ୍ୱେ ଏକ କ୍ରମରୁ ଜିନିଷଟିକୁ ଚିହ୍ନଟ କରିବାରେ ସମସ୍ୟାହୋଇଥାଏ (ଉଦାହରଣ- ଟେବୁଲର ଡାହାଣପାଖ ଉପର କଣରେ ଥିବା ସବୁଜ ରଙ୍ଗର ବହିଟିକୁ ଉଠାଅ) ।

❐ ଶବ୍ଦ ସହ ଅକ୍ଷରକୁ ସଂପର୍କିତ କରିବାରେ ପିଲାଟିର ସମସ୍ୟା ଅଛି କି?

❐ ଦିଆଯାଇଥିବା ଅନୁଛେଦରେ ଏକ ନିର୍ଦ୍ଦିଷ୍ଟ ଶବ୍ଦ ବା ସଂଖ୍ୟାକୁ ଚିହ୍ନଟ କରିବାରେ ପିଲାର ସମସ୍ୟା ଅଛି କି?

❐ ନିଜର ମତାମତକୁ ବ୍ୟକ୍ତ/ ପ୍ରକାଶ କରିବାରେ ପିଲାଟି ସମସ୍ୟାର ସମ୍ମୁଖୀନ ହୋଇଥାଏ କି ଯାହାର ଫଳସ୍ୱରୂପ ଗଣ୍ଡଗୋଳ ଉପୁଯିଥାଏ ବା ବନ୍ଧୁତ୍ୱ ଭାଙ୍ଗିଯାଇଥାଏ ।

❐ ବିନା ସହାୟତାରେ କୌଣସି ବିଷୟରେ ମୁଖ୍ୟ ଅଂଶକୁ ଆଲୋଚନା କରିବାରେ ପିଲାର ସମସ୍ୟା ଥାଏ କି?

❐ ଗଣିତ ବିଜ୍ଞାନ ଓ ସମାଜିକ ପାଠର ଧାରଣାଗୁଡିକୁ ନିଜ ଭାଷାରେ ବୁଝାଇବାରେ ପିଲାର ସମସ୍ୟା ଥାଏ କି?

❐ ଘରେ ବା ବିଦ୍ୟାଳୟରେ କିମ୍ବା ସାଙ୍ଗସାଥୀଙ୍କର ସହ ଖେଳିବାବେଳେ ପିଲାର ଏକାଗ୍ରତା କମ୍ ସମୟ ପର୍ଯ୍ୟନ୍ତ ରହିଥାଏ କି?

❐ ସାଙ୍ଗସାଥୀଙ୍କ ଗହଣରେ ଖେଳିବା ବେଳେ ଖେଳର ନିୟମଗୁଡିକୁ ପାଳନ କରିବାରେ ପିଲାର ସମସ୍ୟା ଥାଏ କି?

## Informatory Signs

These give information about things such as high way facilities, parking facilities etc. and one can recognize them from their blue background.



Public telephone | Petrol pump | Hospital | First aid post



Eating place | Light refreshment | Resting place | No thorough road



Park this side | No thorough side road | Parking both sides



Scooter and motorcycle stand | Cycle stand | Taxi stand | Auto rickshaw stand

# UNIVERSAL ACCESS

## SIGNAGES



- Access symbol to be displayed for all the accessible features provided.
- External: should be mounted above 2000mm from the floor level.
- Internal: to be placed between 1400mm and 1700mm from the floor level on the wall.
- Large print, sharp contrast between text / symbols and their background.
- Simple non-cursive font (e.g. Arial) to be used.
- Wherever desired, signage of room numbers/nameplates etc. to be in Braille & raised alphabets at 1500mm from floor.
- Use bright coloured symbols and / or pictograms to denote or mark different places in home like living room, store room, kitchen, toilet etc.
- Clear indications of eating, sleeping, recreational, work areas will enable individuals function, work and live better.
- Real objects as references can be used for signages; for example a glass embedded in a cardboard cutout placed on the wall near the door of a kitchen/dining hall or a book and pen for a study area.









